# କୁଡୁମୁଲୁଗୁମ୍ମାଠାରୁ ସିରିପେଟା ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କର ଦୁରବସ୍ଥା

**ଖଇରପୁଟ,୩ା୨(ସମିସ)**





କଥାରେ ଅଛି ମୋତେ ଯେତେ ମାଠିବୁ ମାଠ ମୁଁ ସେଇ ଦରପୋଡ଼ା କାଠ। ମାଲକାନଗିରି ଜିଲ୍ଲା ପୂର୍ତ୍ତ ବିଭାଗ ଦ୍ୱାରା ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନା ମାଧ୍ୟମରେ କୁଡୁମୁଲୁଗୁମ୍ମାଠାରୁ ସିରିପେଟା ପର୍ଯ୍ୟନ୍ତ ୪ କୋଟି ୬୧ ଲକ୍ଷ ବ୍ୟୟ ଅଟକଳର ଦୀର୍ଘ ୬ କିଲୋମିଟର ରାସ୍ତା କାର୍ଯ୍ୟକୁ ପ୍ରଦୀପ କୁମାର ପ୍ରଧାନ ନାମକ ଜଣେ ଠିକାଦାର କରିଥିଲେ। କିନ୍ତୁ ରାସ୍ତାଟି ଆଜି ସମସ୍ତଙ୍କ ପାଇଁ ଏକ ମରଣଯନ୍ତା ପାଲଟିଛି। କୁଡୁମୁଲୁଗୁମ୍ମା ମୁଖ୍ୟରାସ୍ତାକୁ ଯୋଡୁଥିବା ଏହି ରାସ୍ତାରେ ଏକ ବିରାଟ ଗର୍ତ୍ତ ସୃଷ୍ଟି ହୋଇଛି, ଯାହା ଫଳରେ ଯାନବାହନ କ୍ଷୟକ୍ଷତି ହେବା ସହ ଜୀବନହାନୀ ଘଟିବାର ସମ୍ଭାବନାକୁ ଏଡ଼ାଇ ହେବନି।

୨୦୧୮ରେ ନିର୍ମାଣ କାର୍ଯ୍ୟ ଶେଷ ହେବାକୁ ଲକ୍ଷ୍ୟ ଧାର୍ଯ୍ୟ ଥିଲେ ମଧ୍ୟ ରାସ୍ତା କାର୍ଯ୍ୟ ୨୦୨୨ ରେ ଅଧପନ୍ତରିଆ ଭାବେ ଶେଷ ହୋଇଥିଲା। ବର୍ତ୍ତମାନ ପର୍ଯ୍ୟନ୍ତ ମଧ୍ୟ ଉକ୍ତ ରାସ୍ତାରେ ଥିବା କଲଭର୍ଟଗୁଡ଼ିକ ଉପରେ ପିଚୁ ରାସ୍ତା ନିର୍ମାଣ ହୋଇନାହିଁ କି ରାସ୍ତାରେ ଥିବା ବହୁତ କଲଭର୍ଟକୁ ସମ୍ପୂର୍ଣ୍ଣ କରାଯାଇନାହିଁ। ଯେଉଁଥିପାଇଁ ନାନା ସମସ୍ୟା ଉପୁଜୁଛି। ଉକ୍ତ ରାସ୍ତା କାର୍ଯ୍ୟର ମରାମତି ଓ ରକ୍ଷଣାବେକ୍ଷଣ ୨୦୨୪ ମସିହା ପର୍ଯ୍ୟନ୍ତ ଧାର୍ଯ୍ୟ ହୋଇଥିଲାବେଳେ, ଏହାକୁ ମରାମତି ପାଇଁ ବହୁ ଅର୍ଥ ବ୍ୟୟବରାଦ କରାଯାଇଛି। ନିମ୍ନମାନର କାର୍ଯ୍ୟ ଓ ବିଭାଗୀୟ ଉଦାସୀନତା କାରଣରୁ ରାସ୍ତାଟି ଅର୍ଦ୍ଧନିର୍ମିତ ଅବସ୍ଥାରେ ଥିଲାବେଳେ ଅନ୍ତତଃ ପକ୍ଷେ ସାମାନ୍ୟ ମରାମତି ମଧ୍ୟ କରାଯାଉ ନ ଥିବା ଦୁର୍ଭାଗ୍ୟର ବିଷୟ। ବର୍ତ୍ତମାନ ଉକ୍ତ ଗ୍ରାମ୍ୟ ସଡ଼କ କାର୍ଯ୍ୟର ସମ୍ପୂର୍ଣ୍ଣ ତଦାରଖ ଜିଲ୍ଲାପାଳଙ୍କ ଦ୍ୱାରା କରାଯିବା ନିମନ୍ତେ ସ୍ଥାନୀୟ ଜନସାଧାରଣ ଦାବି କରିଛନ୍ତି। ବର୍ତ୍ତମାନ ଦେଖିବାକୁ ବାକି ରହିଲା ମାଲକାନଗିରି ପୂର୍ତ୍ତ ବିଭାଗୀୟ ଅଧିକାରୀ ଉକ୍ତ ଘଟଣାକୁ ଗମ୍ଭୀରତାର ସହ ଗ୍ରହଣ କରି କି ପଦକ୍ଷେପ ନେଉଛି।

# ପୋଲ ନିର୍ମାଣରେ ଅନିୟମିତତା ଅଭିଯୋଗ ଆଣିଲେ ଶ୍ରମିକ



**ପୋଟେରୁ,୩ା୨(ସମିସ):** ରାଞ୍ଚି-ବିଜୟୱାଡା ଜାତୀୟ ରାଜପଥର ଅର୍ଦ୍ଧାଧିକ ଭାଗ ଓଡ଼ିଶା ଦେଇ ଅତିକ୍ରମ କରୁଛି। ଓଡ଼ିଶାର ଆସିକାଠାରୁ ଆରମ୍ଭ ହୋଇ ସୀମାବର୍ତ୍ତୀ ଚିନ୍ତୁରଠାରେ ଓଡ଼ିଶା ସୀମା ଶେଷ ହେଉଥିବା ଏହି ରାସ୍ତାର ପ୍ରଶସ୍ତୀକରଣ ଓ ପୋଲ ନିର୍ମାଣ କାର୍ଯ୍ୟ ଚାଲୁଥିବାବେଳେ କାଲିମେଲା ବ୍ଲକ୍ ଅନ୍ତର୍ଗତ କାଙ୍ଗୁରକୋଣ୍ଡା ଗ୍ରାମ ନିକଟରେ ନିର୍ମାଣାଧୀନ ପୋଲରେ ବ୍ୟବହୃତ ସାମଗ୍ରୀରେ ଅନିୟମିତା ହୋଇଥିବା ନେଇ ଅଭିଯୋଗ ଆଣିଛନ୍ତି ଏହି କାର୍ଯ୍ୟରେ ନିୟୋଜିତ ଥିବା ଶ୍ରମିକ।

ସୂଚନା ମୁତାବକ, ଜାତୀୟ ରାଜପଥ ବିଭାଗ ପକ୍ଷରୁ ଏହି ପୋଲ ନିର୍ମାଣ ପାଇଁ ବ୍ରିଜେଶ ଅଗ୍ରୱାଲ ନିର୍ମାଣ ଇଣ୍ଡିଆ ନାମକ ଏକ ବେସରକାରୀ ଠିକା ସଂସ୍ଥାକୁ କାର୍ଯ୍ୟାଦେଶ ଦିଆଯାଇଥିବା ଜଣାପଡ଼ିଛି। ତେବେ ଏହାର ନିର୍ମାଣ କାର୍ଯ୍ୟରେ ବ୍ୟବହୃତ ହୋଇଥିବା ଲୁହା ଛଡ଼ ସାଇଜ ଆବଶ୍ୟକତାଠାରୁ କମ୍ ରହିଥିବାବେଳେ କେତେକ ସ୍ଥାନରେ ୱେଲଡିଂ କରି ଲୁହା ଛଡ଼ ବ୍ୟବହାର କରାଯାଇଥିବା ଏହି ପୋଲ ନିର୍ମାଣ କାର୍ଯ୍ୟରେ ଗତ ୩ ମାସ ଧରି ନିୟୋଜିତ ଥିବା ମିସ୍ତ୍ରି ଜଣକ କହିଛନ୍ତି। ମୁଖ୍ୟତଃ ପୋଲକୁ ଛିଡ଼ା କରି ରଖିଥିବା ପୋଲର ମେଟରେ ଲାଗିଥିବା ୩୨ ଏମ୍‌ଏମ୍ ତିନି ଖଣ୍ଡ ଲୁହାଛଡ଼କୁ ଏକାଠି କରି ମୋଟ ୨୩ଟି ଲୁହା ଛଡ଼ ବ୍ୟବହାର ହୋଇଥିବା ନିଜର ଅଭିଯୋଗରେ ମିସ୍ତ୍ରି ଜଣକ କହିଛନ୍ତି। ଏଥିସହ ୱାଲରେ ୧୬ ମିଲିମିଟର ବଦଳରେ ୧୨ ମିଲିମିଟର, ସପୋର୍ଟ ପାଇଁ ୧୨ ବଦଳରେ ୧୦ ମିଲିମିଟରର ଲୁହା ଛଡ଼ ବ୍ୟବହାର କରିବା ସହ ଏହି ନିର୍ମାଣ କାର୍ଯ୍ୟରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ଏ ବାବଦରେ ବିଭାଗୀୟ ଯନ୍ତ୍ରୀଙ୍କୁ ପଚାରିବାରୁ ସେ ସେଭଳି କିଛି ହୋଇନାହିଁ ଓ ୫ ଜଣିଆ ଟିମ୍ ବାରମ୍ବାର ବିଭିନ୍ନ ନିର୍ମାଣାଧୀନ ପୋଲ କାର୍ଯ୍ୟର ତଦାରଖ କରୁଥିବା କହିଛନ୍ତି। ଅନ୍ୟପଟେ କାଙ୍ଗୁରକୋଣ୍ଡା ଗ୍ରାମ ନିକଟରେ ନିର୍ମାଣାଧୀନ ଏହି ପୋଲର କାର୍ଯ୍ୟ ଓ ବ୍ୟବହୃତ ସାମଗ୍ରୀର ସଠିକ୍ ଯାଞ୍ଚ କରାଗଲେ ରାଜପଥ ନିର୍ମାଣରେ ହେଉଥିବା ଏକ ବଡ଼ ଅନିୟମିତତାର ପର୍ଦ୍ଦାଫାସ୍ ହେବ ବୋଲି ସ୍ଥାନୀୟ ଲୋକେ ଓ ଏହି କାର୍ଯ୍ୟରେ ନିୟୋଜିତ ଶ୍ରମିକମାନେ କହିଛନ୍ତି।

# ଗ୍ରାମ ହୁଣ୍ଡୀମନ୍ଦିର କାର୍ଯ୍ୟକ୍ରମର ଶୁଭାରମ୍ଭ



**ଚିତ୍ରକୋଣ୍ଡା,୩ା୨(ସମିସ):** ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ବ୍ଲକର ଦୁର୍ଗମ ପାପଲୁର, କୁର୍ମାନୁର, ନାଗଲୁର, ପେଟାଲ ଓ ଚିନ୍ତାଗୁନାଲ ଗ୍ରାମରେ ଗ୍ରାମ ହୁଣ୍ଡୀମନ୍ଦିର କାର୍ଯ୍ୟକ୍ରମର ଆନୁଷ୍ଠାନିକ ଭାବରେ ଶୁଭ ଉଦଘାଟନ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ସ୍ୱତନ୍ତ୍ର ବିକାଶ ପରିଷଦ ଅଧ୍ୟକ୍ଷ ଆଡ଼ମା ରାବା, ଚିତ୍ରକୋଣ୍ଡା ବ୍ଲକ୍ ଅଧ୍ୟକ୍ଷା ରାଜେଶ୍ୱରୀ ଖିଲ, ବ୍ଲକ୍ ଉପାଧ୍ୟକ୍ଷ ପଦ୍ମନାଭ ଦାମୀ ଓ ସମିତି ସଭ୍ୟ ରାଜକମଲ ପୁରୋହିତ ଉପସ୍ଥିତ ଥିଲେ। ନାଗଲୁରୁବାସୀ ବହୁ ଦିନରୁ ଦାବି କରିଆସୁଥିବା ଏକ ଚାଉଳ ବିତରଣ କେନ୍ଦ୍ରକୁ ମଧ୍ୟ ମାଲକାନଗିରି ଜିଲ୍ଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ଆଡ଼ମା ରାବା ଉଦଘାଟନ କରିଥିଲେ। ପେଟାଲ, ଚିନ୍ତାଗୁନାଲ ଗ୍ରାମ ଠାରେ ଗ୍ରାମବାସୀଙ୍କ ଉପସ୍ଥିତିରେ ୮ଟି ଅଲେଖ ମହିମା ମନ୍ଦିର ଓ ୭ଟି ଗ୍ରାମଦେବୀ ମନ୍ଦିର ନିର୍ମାଣ କାର୍ଯ୍ୟର ଶୁଭାରମ୍ଭ ହୋଇଯାଇଛି। ଅଳ୍ପ ଦିନ ମଧ୍ୟରେ କାମ ଆରମ୍ଭ ହୋଇଯିବ ସେନେଇ ଅଞ୍ଚଳବାସୀ ବହୁତ ଖୁସିରେ ଅଛନ୍ତି। ଆଗାମୀ ଦିନରେ ବିଭିନ୍ନ ପ୍ରକାର ଖେଳ ସାମଗ୍ରୀ ଓ ବସ୍ତ୍ର ମଧ୍ୟ ଲୋକଙ୍କ ମଧ୍ୟରେ ବଣ୍ଟାଯିବାର କାର୍ଯ୍ୟକ୍ରମ ରହିଛି। ଯେଉଁ ବସ୍ତ୍ର ପିନ୍ଧି ସେମାନେ ନାଚଗୀତରେ ଭାଗ ନେଇ ପାରିବେ ବୋଲି ମାଲକାନଗିରି ଜିଲ୍ଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ଆଡ଼ମା ରାବା ଗଣମାଧ୍ୟମକୁ କହିଛନ୍ତି।

# ଚିତ୍ରକୋଣ୍ଡା ଶିଶୁମନ୍ଦିରର ବାର୍ଷିକ ଉତ୍ସବ



**ଚିତ୍ରକୋଣ୍ଡା,୩ା୨(ସମିସ):** ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ବ୍ଲକ୍ ଅନ୍ତର୍ଗତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ପ୍ରଧାନଆଚାର୍ଯ୍ୟ ବାନାମ୍ବର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଚତୁର୍ବିଂଶତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଚିତ୍ରକୋଣ୍ଡା ବ୍ଲକ ଅଧ୍ୟକ୍ଷା ରାଜେଶ୍ୱରୀ ଖିଲ ଯୋଗଦେଇଥିବାବେଳେ ସମ୍ମାନିତ ଅତିଥି ଭାବରେ ତହସିଲଦାର ନଟବର ଗରଡ଼ା, ଆଇଆଇସି ମୁକୁନ୍ଦ ମେଲେକା, ସରପଞ୍ଚ ହରୀମୋହନ ଖିଲ ବାର୍ଷିକ ଉତ୍ସବ ମଞ୍ଚରେ ଉପସ୍ଥିତ ଥିଲେ। ସମ୍ମାନିତ ଅତିଥି ଭାବେ ସୂର୍ଯ୍ୟପ୍ରକାଶ ବେହେରା, ରାଜକମଲ ପୁରୋହିତ, ଅନ୍ତର୍ଯ୍ୟାମୀ ଖଣ୍ଡାଗିରି, ଦେବେନ୍ଦ୍ର ଦାସ, ପ୍ରଫୁଲ୍ଲ ତ୍ରିପାଠୀ, ଅଗଷ୍ଟିନ ବାର୍ଲା, ଅନିଲ ଗୁପ୍ତା, କେ ନାନାଜି ଉପସ୍ଥିତ ଥିଲେ। ଏହା ସହ ବିଦ୍ୟାଳୟର ସଭାପତି କ୍ଷୀରୋଦ ବେହେରା, ସମ୍ପାଦକ ଶଶାଙ୍କ ଶେଖର କର,କୋଷାଧ୍ୟକ୍ଷ ହେମନ୍ତ ନାୟକ, ପରିଚାଳନା କମିଟି ସଦସ୍ୟ ରତ୍ନାକର ପ୍ରଧାନ, ଦେବେନ୍ଦ୍ର ସାହୁ, ମୋନାଜ ପାତ୍ର, ହେମନ୍ତ ଭୂୟାଁ, ଗୁରୁଚରଣ ଘଡ଼େଇ, ମଦନ ଦାସ, ଉତ୍ତମ ରାୟ, ଚିତ୍ରକୋଣ୍ଡାର ସମସ୍ତ ସାମ୍ବାଦିକମାନେ ଉପସ୍ଥିତ ଥିଲେ। ଏହି ଅବସରରେ ସନ୍ଧ୍ୟା ଅଧିବେଶନ, ବିଦ୍ୟାଳୟର ବିବରଣୀ ପଠନ, ଅତିଥିମାନଙ୍କ ଅଭିଭାଷଣ, ବାର୍ଷିକ ଉତ୍ସବ ଅବସରରେ ହୋଇଥିବା କ୍ରୀଡ଼ା ଓ ସାଂସ୍କୃତିକ କାର୍ଯ୍ୟକ୍ରମର ପୁରସ୍କାର ପ୍ରଦାନ କରାଯାଇଥିଲା। ଏହାପରେ ଛାତ୍ରଛାତ୍ରୀଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ନାଟକ ଅନୁଷ୍ଠିତ ହୋଇଥିଲା। ଏହି ବାର୍ଷିକ ଉତ୍ସବକୁ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ସମେତ ଉପସ୍ଥିତ ଦର୍ଶକମାନେ ମନୋଭାରୀ ଉପଭୋଗ କରିଥିଲେ। ବିଦ୍ୟାଳୟର ଗୁରୁଜୀ ସୁବାସ ମାଝୀ, ଭାସ୍କର ଗୁଡ଼ିଆ, ସୌମ୍ୟରଞ୍ଜନ ଗୁଡ଼ିଆ, ଗୁରୁମା ସବିତା ମହାପାତ୍ର, କେ ଭାରତୀ ରାଓ, ମନୋରମା ଗୁଡ଼ିଆ, ବାସନ୍ତୀ ଜାନି, ସୁମତି ପାଇକରାୟ, ପ୍ରତିମା ଗରଡ଼ା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# କାର୍ ଉପରେ ଓଲଟି ପଡ଼ିଲା ବାଲିବୋଝେଇ ଟିପ୍ପର୍

**ଜୟପୁର,୩ା୨(ସମିସ):** କୋରାପୁଟ ଜିଲ୍ଲା ଜୟପୁର-କୋରାପୁଟ ୨୬ ନମ୍ବର ଜାତୀୟ ରାଜପଥ ରାସ୍ତାର ବାରିଣିପୁଟ ଗ୍ରାମଠାରେ ଏକ ବୁଲାଣିରେ ଶୁକ୍ରବାର ରାତି ସାଢ଼େ ୯ଟା ସମୟରେ ଏକ ବାଲିବୋଝେଇ ଟିପ୍ପର ପାର୍ଶ୍ୱରେ ଠିଆ ହୋଇଥିବା ଏକ କାର୍ ଉପରକୁ ଓଲଟି ପଡ଼ିଥିଲା। ଟିପ୍ପର ଏବଂ ବାଲିବୋଝେଇ ହୋଇଥିବା ଡାଲାଟି କାର୍ ଉପରେ ଓଲଟି ଯାଇଥିଲା। ଫଳରେ କାରଟି ସମ୍ପୂର୍ଣ୍ଣ ଭାବେ ଟିପ୍ପର ଏବଂ ବାଲିରେ ଘୋଡ଼େଇ ହୋଇଯାଇଥିଲା। ଉକ୍ତ କାର୍ ଭିତରେ ଜଣେ ଚାଳକ ରହିଯାଇଥିବାବେଳେ ସ୍ଥାନୀୟ ବାରିଣିପୁଟ ଗ୍ରାମର ଯୁବକ ଏବଂ ସାଧାରଣ ଲୋକେ ତୁରନ୍ତ କୋଡ଼ି ଆଣି ଉକ୍ତ ବାଲିଗୁଡ଼ିକ ବାହାର କରିବା ସହିତ କାର୍ ଭିତରେ ଚାପି ହୋଇଥିବା କାରଚାଳକଙ୍କୁ ଉଦ୍ଧାର କରି ଜୟପୁର ଜିଲ୍ଲା ଚିକିତ୍ସାଳୟକୁ ନେଇଥିଲେ। ଚାଳକ ସୁସ୍ଥ ରହିଥିବାବେଳେ ସାମାନ୍ୟ ଚିକିତ୍ସା ପରେ ତାଙ୍କୁ ଛଡ଼ାଯାଇଛି। ସ୍ଥାନୀୟ ଯୁବକମାନଙ୍କ ତୁରନ୍ତ ଉଦ୍ଧାର କାର୍ଯ୍ୟ ଯୋଗୁଁ ଚାଳକଙ୍କ ଜୀବନ ରକ୍ଷା ହୋଇପାରିଛି ବୋଲି ସଦର ଥାନା ପୁଲିସ ପକ୍ଷରୁ ପ୍ରକାଶ କରାଯାଇଛି। ଅନ୍ୟପକ୍ଷରେ କାରଟି ସମ୍ପୂର୍ଣ୍ଣ ଭାବେ ଭାଙ୍ଗି ଯାଇଥିବାବେଳେ ଟିପ୍ପର ମଧ୍ୟ ସାମାନ୍ୟ କ୍ଷତିଗ୍ରସ୍ତ ହୋଇଛି। ଟିପ୍ପରଟି କୋରାପୁଟକୁ ଦ୍ରୁତଗତିରେ ଯାଉଥିଲା। ବାରିଣିପୁଟ ଗ୍ରାମ ନିକଟରେ ଏକ ବୁଲାଣିଠାରେ ଟିପ୍ପର ଡ୍ରାଇଭର ନିୟନ୍ତ୍ରଣ ହରାଇବାରୁ ରାସ୍ତା ପାର୍ଶ୍ୱରେ ଥିବା କାର୍ ଉପରେ ବାଲିବୋଝେଇ ଟିପ୍ପରଟି ଓଲଟି ପଡ଼ିଥିଲା। ଉଭୟ କାର୍ ଏବଂ ଟିପ୍ପରକୁ ପୁଲିସ ଜବତ କରିଥିବାବେଳେ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିବା ଜଣାପଡ଼ିଛି।

● **ସ୍ଥାନୀୟ ଯୁବକଙ୍କ ଯୋଗୁଁ ବଞ୍ଚିଗଲା କାରଚାଳକଙ୍କ ଜୀବନ**

# ସରସ୍ୱତୀ ଶିଶୁମନ୍ଦିରର ବାର୍ଷିକ ଉତ୍ସବ

**ଦୁର୍ଗୀ,୩ା୨(ସମିସ):** ବିଷମକଟକ ବ୍ଲକ ଦୁର୍ଗୀ ପଞ୍ଚାୟତ ସରସ୍ୱତୀ ଶିଶୁମନ୍ଦିରର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଉପଦେଷ୍ଟା ତଥା ରାୟଗଡ଼ା ଜିଲ୍ଲା ବିଜୁ ଜନତା ଦଳର ସଭାପତି ସୁଧୀର କୁମାର ଦାସ ଯୋଗଦେଇଥିଲେ। ଶିଶୁମନ୍ଦିର ଅନୁଷ୍ଠାନ ତରଫରୁ ବନ୍ଦନା ସହ ସ୍ୱାଗତ ସଙ୍ଗୀତ ଓ ନୃତ୍ୟ କରି ସମସ୍ତ ଅତିଥିମାନଙ୍କୁ ପରିଚୟ ପ୍ରଦାନ କରିଥିଲେ। ଶିଶୁମାନଙ୍କୁ ଶ୍ରୀ ଦାସ ମଞ୍ଚରେ ବିଦ୍ୟାର୍ଥୀ, ଅଭିଭାବକ ଓ ଶିକ୍ଷକଙ୍କ ମଧ୍ୟରେ ଉଚ୍ଚ ସମନ୍ୱୟ ରହିଲେ ବିଦ୍ୟାର୍ଥୀଙ୍କର ଶିକ୍ଷାର ଅଧିକ ବିକାଶ ହୋଇପାରିବ। କୁନି ଶିଶୁ ଓ ଭାଇ ଭଉଣୀଙ୍କୁ ଭଲ ପାଠ ପଢ଼ାଇବା ସହ ସେମାନଙ୍କ ଅନ୍ୟାନ୍ୟ ପ୍ରତିଭାର କିପରି ବିକାଶ ଘଟି ପାରିବ ସେ ଉପରେ ଗୁରୁତ୍ୱ ଦେବା ପାଇଁ କହିଥିଲେ। ସମ୍ମାନିତ ଅତିଥି ଭାବେ ରାୟଗଡ଼ା ଜିଲ୍ଲା ଶିକ୍ଷା ବିକାଶ ସମିତି ତଥା ଓଡ଼ିଶା ସହ ଜିଲ୍ଲା ପ୍ରମୁଖ କୃଷ୍ଣଚନ୍ଦ୍ର ପାଣିଗ୍ରାହୀ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଶିକ୍ଷକ ଯେତିକି ଶିକ୍ଷା ଦେଇଥାନ୍ତି ସେହିପରି ଘରେ ଅଭିଭାବକ ମଧ୍ୟ ସେତିକି ଗୁରୁତ୍ୱ ଦେବାର ଆବଶ୍ୟକତା ଅଛି ବୋଲି କହିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ବିଜୟ କୁମୁରୁକା ସମେତ ବିଷମକଟକ ବ୍ଲକର ଜିଲ୍ଲା ପରିଷଦ ସଭ୍ୟା ବିଜୟଶାନ୍ତି କୁମୁରୁକା ଯୋଗଦେଇ ମଞ୍ଚାସିନ ଥିଲେ। ପ୍ରଧାନଆଚାର୍ଯ୍ୟା ମିନାକ୍ଷୀ ପ୍ରଧାନୀ ବାର୍ଷିକ ବିବରଣୀ ପାଠ କରିଥିଲେ। ଶିଶୁ ମନ୍ଦିରର ସମ୍ପାଦକ ଉମାଶଙ୍କର ରତାମ୍ବାଲୁ କାର୍ଯ୍ୟକ୍ରମ ପରିଚାଳନା କରିବା ସହ ଉକ୍ତ ଉତ୍ସବରେ ଶିଶୁମାନଙ୍କୁ ଉତ୍ସାହିତ କରିଥିଲେ। ସରସ୍ୱତୀ ଶିଶୁମନ୍ଦିର ସଭାପତି ଭବାନୀପ୍ରସାଦ ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଶିକ୍ଷକ ସୁମିତା ମହାନ୍ତି, ସ୍ୱାଗତିକା ପାତ୍ର, କମଳିନୀ ପଣ୍ଡା, ସୁନିତା ବେହେରା, ସ୍ୱରଜ କୌଶଲ୍ୟା, ଦୀପ୍ତି ଗୌଡ଼ ପ୍ରମୁଖ ଶିକ୍ଷକଶିକ୍ଷୟିତ୍ରୀ ସହଯୋଗ କରିଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ପ୍ରତିଯୋଗିତାର ବିଜେତା ଛାତ୍ରଛାତ୍ରୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା।



# ଟେକ୍ନୋ ଗୁରୁକୁଳ ବିଦ୍ୟାଳୟର ବାର୍ଷିକ ଉତ୍ସବ



**ନବରଙ୍ଗପୁର,୩ା୨(ସମିସ):** ସ୍ଥାନୀୟ ଟେକ୍ନୋ ଗୁରୁକୁଳ ବିଦ୍ୟାଳୟର ବାର୍ଷିକ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ଏହି ଅବସରରେ ପୂର୍ବାହ୍ଣ ୯ଟାରେ ସଦାଶିବ ତ୍ରିପାଠୀ ପାର୍କ ନିକଟରୁ ଏକ ମଶାଲ ଶୋଭାଯାତ୍ରା ବାହାରି ସାଇ କଲ୍ୟାଣ ମଣ୍ଡପଠାରେ ପହଞ୍ଚିଥିଲା। ଜିଲ୍ଲାପାଳ ଡ. କମଳ ଲୋଚନ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ। ସମ୍ମାନିତ ଅତିଥି ଭାବେ ସମାଜସେବୀ ଜଗନ୍ନାଥ ମହାପାତ୍ର, କାଉନସିଲର ନଗେନ୍ଦ୍ର ପଟ୍ଟନାୟକ, ପ୍ରିନ୍ସପାଲ ସଂଗ୍ରାମ ନାୟକ ପ୍ରମୁଖ ଯୋଗଦେଇଥିଲେ। ଶୋଭାଯାତ୍ରାରେ ଛାତ୍ରଛାତ୍ରୀ ଓ ଶିକ୍ଷକଶିକ୍ଷୟିତ୍ରୀ ପ୍ରମୁଖ ଯୋଗଦେଇଥିଲେ। ଅପରାହ୍ଣ ୪ଟାରେ ନବରଙ୍ଗପୁର ସାଇ କଲ୍ୟାଣ ମଣ୍ଡପଠାରେ ବାର୍ଷିକ ଉତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ନବରଙ୍ଗପୁର ତହସିଲଦାର କୈଳାଶ ଚନ୍ଦ୍ର ତ୍ରିପାଠୀ, ସମ୍ମାନିତ ଅତିଥି ଭାବେ ସମାଜସେବୀ ଜଗନ୍ନାଥ ମହାପାତ୍ର, ଜିଲ୍ଲା ମଙ୍ଗଳ ଅଧିକାରୀ ପାଲକା ରବୀନ୍ଦ୍ର, ବିଇଓ ରମେଶ ରାୟ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଶିକ୍ଷା ଆମ ପାଇଁ କେତେ ଗୁରୁତ୍ୱପୂର୍ଣ୍ଣ ଓ ଭବିଷ୍ୟତରେ ତାହା କେତେ ସହଯୋଗ ହୋଇଥାଏ ସେନେଇ ଆଲୋକପାତ କରିଥିଲେ। ଆତିଥିମାନେ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିବା ସହ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ପ୍ରଦାନ କରି ସମ୍ମାନିତ କରିଥିଲେ। ପ୍ରିନ୍ସପାଲ ସଂଗ୍ରାମ ନାୟକ ବାର୍ଷିକ ବିବରଣୀ ପାଠ କରିବା ସହ ଛାତ୍ରଛାତ୍ରୀ ଓ ଅଭିଭାବକଙ୍କୁ କୃତଜ୍ଞତା ଜଣାଇବା ସହ ସଭାପତିତ୍ୱ କରିଥିଲେ। ଅତିରିକ୍ତ ଉପାଧ୍ୟକ୍ଷ ସରିତା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟର ଏନସିସି ଛାତ୍ରମାନେ ସହଯୋଗ କରିଥିଲେ। ଶିକ୍ଷୟିତ୍ରୀ ବନଜା ପଣ୍ଡା, ଦୀପା ଜେନା, ଶ୍ରୀଜୟା ପଢ଼ୀ, ସାଇ ଗଙ୍ଗା ଆଚାରୀ, ପ୍ରତ୍ୟୁଷ କୁମାର ଗିରି ପ୍ରମୁଖ ମଞ୍ଚ ପରିଚାଳନା କରିଥିଲେ।

# ପୋଲରୁ ଖସି ଗାଈ ଗୁରୁତର

**ପାପଡ଼ାହାଣ୍ଡି,୩ା୨(ସମିସ):** ଶନିବାର ପାପଡ଼ାହାଣ୍ଡିରୁ ଉମରକୋଟ ରାସ୍ତାର ଜାମ୍ବୁଗୁଡ଼ା ନିକଟରେ ଥିବା ପୋଲରୁ ତଳକୁ ଖସିପଡ଼ିବାରୁ ଶନିବାର ଏକ ଗାଈ ଗୁରୁତର ହୋଇଛି। ପାପଡ଼ାହାଣ୍ଡି ଅଗ୍ନିଶମ ବିଭାଗ ପହଞ୍ଚି ଗାଈକୁ ପୋଲ ତଳୁ ଉଦ୍ଧାର କରିଛନ୍ତି। ସୂଚନା ମୁତାବକ, ସାପ୍ତାହିକ ହାଟରୁ ଗାଈଗୁଡ଼ିଙ୍କୁ ଚଲାଇ ଚଲାଇ ପାପଡ଼ାହାଣ୍ଡି ଆଡ଼କୁ ଆସୁଥିବା ସମୟରେ ଭିଡ଼ ମଧ୍ୟରେ ଏକ ଗାଈ ପୋଲ ତଳକୁ ଖସି ଯାଇଥିଲା। ଫଳରେ ପୋଲ ତଳେ ଥିବା ପଙ୍କ ଓ ପାଣିରେ ଫସି ବାହାରିପାରି ନ ଥିଲା। ଖବର ପାଇ ପାପଡ଼ାହାଣ୍ଡି ଅଗ୍ନିଶମ ବିଭାଗ ପହଞ୍ଚି ଦୌଡ଼ି ବାନ୍ଧି ଗାଈକୁ ଉଦ୍ଧାର କରିଥିଲେ। ତେବେ ଗାଈଟି ଉଠିପାରୁ ନ ଥିବାରୁ ଗୁରୁତର ଥିବା ଜଣାପଡ଼ିଛି। ତେବେ ପ୍ରତ୍ୟେକ ସପ୍ତାହିକ ହାଟରୁ ଗାଈଗୁଡ଼ିକୁ ଅସାବଧାନତାର ସହ ରାସ୍ତାରେ ଚଲାଇ ନେବାବେଳେ କେତେବେଳେ ସେମାନଙ୍କ ଦେହରେ ଧକ୍କା ହୋଇ ସାଧାରଣ ଲୋକ ଆହତ ହେଉଥିବାବେଳେ କେତେବେଳେ ଗାଈଗୁଡ଼ିକ ରାସ୍ତାରେ ଆହତ ହୋଇ ପଡ଼ି ରହୁଛନ୍ତି। ସ୍ଥାନୀୟ ପ୍ରଶାସନ ଏଥିପ୍ରତି ଧ୍ୟାନ ଦେବାକୁ ସାଧାରଣରେ ଦାବି ହୋଇଛି।

# ନୂତନ ଜିଲ୍ଲାପାଳଙ୍କ ଉନ୍ନୟନମୂଳକ କାର୍ଯ୍ୟ ସମୀକ୍ଷା



**ମାଲକାନଗିରି,୩ା୨(ସମିସ):** ମାଲକାନଗିରି ନୂତନ ଜିଲ୍ଲାପାଳ ସଚିନ ପାୱାର ଗତ ଦୁଇଦିନ ହେଲା ଜିଲ୍ଲାର ବିଭିନ୍ନ ବ୍ଲକ ଗସ୍ତ କରି ଉନ୍ନୟନମୂଳକ କାର୍ଯ୍ୟ ଦେଖିବା ସହିତ ବିଭିନ୍ନ ବିଦ୍ୟାଳୟ ଓ କଲେଜ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରି ସ୍ଥିତି ପରଖିଛନ୍ତି। ବିଶେଷ କରି ଖଇରପୁଟ ଓ ମାଥିଲି ବ୍ଲକ୍ ଗସ୍ତ କରି ସେଠାରେ ଚାଲିଥିବା ବିଭିନ୍ନ ଉନ୍ନୟନ ପ୍ରକଳ୍ପ ପରିଦର୍ଶନ କରି କାର୍ଯ୍ୟ ଶୀଘ୍ର ସମ୍ପୂର୍ଣ୍ଣ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ଜିଲ୍ଲାରେ ବିକଶିତ କାର୍ଯ୍ୟ କରିବା ସହ ଜିଲ୍ଲାର ବିକାଶ ପାଇଁ ସମସ୍ତଙ୍କ ସହଯୋଗର ଆବଶ୍ୟକତା ଅଛି। ସମସ୍ତେ ମିଳିମିଶି ସହଯୋଗ କଲେ ଜିଲ୍ଲାର ବିକାଶ ଆହୁରି କ୍ଷିପ୍ରଗତିରେ ହେବ ବୋଲି ଜିଲ୍ଲାପାଳ ଶ୍ରୀ ପାୱାର ପ୍ରକାଶ କରିଛନ୍ତି।

# ପ୍ରଧାନଶିକ୍ଷକଙ୍କୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର



**ମାଲକାନଗିରି,୩ା୨(ସମିସ):** ମାଲକାନଗିରି ଜିଲ୍ଲା ଏକ ଆଦିବାସୀ ବହୁଳ ଅଞ୍ଚଳ ଏହି ଜିଲ୍ଲାର ଶିକ୍ଷାର ବିକାଶ ପାଇଁ ରାଜ୍ୟ ସରକାର ଅନେକ ପଦକ୍ଷେପ ନେଇଥିବାବେଳେ ଜିଲ୍ଲା ପ୍ରଶାସନ ଶିକ୍ଷାର ଉନ୍ନତି ପାଇଁ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ପାଇଁ ଆବାସିକ ବାସଗୃହ, ଖାଦ୍ୟ, ପୋଷାକ ଓ ଉନ୍ନତମାନର ଶିକ୍ଷା ବ୍ୟବସ୍ଥା କରିଛନ୍ତି। କୋରୁକୋଣ୍ଡା ବ୍ଲକ ଆଭ୍ୟନ୍ତରୀଣ ଅଞ୍ଚଳରେ ଥିବା ଆଦିବାସୀ ଗ୍ରାମ କମାଲିଗୁଡ଼ା ପ୍ରାଥମିକ ବିଦ୍ୟାଳୟ ଉଚ୍ଚକୋଟିର ହୋଇଥିବା ଏବଂ ସେହି ବିଦ୍ୟାଳୟରେ କାର୍ଯ୍ୟରତ ପ୍ରଧାନଶିକ୍ଷକ ଶତ୍ରୁଘ୍ନ ପାଣିଗ୍ରାହୀ ଏବଂ ସହକାରୀ ଶିକ୍ଷକ ସାନୁ କୁମାର ମାଢ଼ିଙ୍କୁ ସର୍ବଶ୍ରେଷ୍ଠ ବିଦ୍ୟାଳୟ ଓ ସର୍ବଶ୍ରେଷ୍ଠ ଶିକ୍ଷକ ଭାବେ ଭୁବନେଶ୍ୱରଠାରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରଦାନ କରିଛନ୍ତି।

# ଏନ୍‌ସିସି କ୍ୟାଡେଟ୍ ଡମ୍ବରୁ ଓ ଗୌତମଙ୍କୁ ଶୁଭେଚ୍ଛାର ସୁଅ



**ରାୟଗଡ଼ା,୩ା୨(ସମିସ):** ଦିଲ୍ଲୀ ଗଣତନ୍ତ୍ର ଦିବସରେ ଓଡ଼ିଶାକୁ ପ୍ରତିନିଧିତ୍ୱ କରିଥିବା ରାୟଗଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟର ଦୁଇ ଜଣ ଏନସିସି କ୍ୟାଡେଟ ଜୁନିଅର ଅଣ୍ଡର ଅଫିସର ଡମ୍ବରୁଧର ସବର ଓ କ୍ୟାଡେଟ ଗୌତମ ୱାଡ଼ାକାଙ୍କୁ ରେଳବାଇ ଷ୍ଟେସନରୁ ରାୟଗଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ପର୍ଯ୍ୟନ୍ତ ବାଇକ ରାଲି ମାଧ୍ୟମରେ ଭବ୍ୟ ସ୍ୱାଗତ କରାଯାଇଥିଲା। ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ବବିଳତା ଶରଫ୍ ଉଭୟ ଏନସିସି କ୍ୟାଡେଟଙ୍କୁ ଅଭିନନ୍ଦନ ଜଣେଇବା ସହ ଦିଲ୍ଲୀରେ ସାଧାରଣତନ୍ତ୍ର ଦିବସରେ ଯୋଗଦେଇଥିବା ଅନୁଭୂତି ପଚାରି ବୁଝିଥିଲେ। ମହାବିଦ୍ୟାଳୟର ଅଧ୍ୟାପକ ଓ ଅଧ୍ୟାପିକା ଉଭୟଙ୍କୁ ଫୁଲମାଳ ଦେଇ ସ୍ୱାଗତ କରିଥିଲେ। ଏନସିସିର ପୁରାତନ ଛାତ୍ର, ବୁଦ୍ଧିଜୀବୀ, ଛାତ୍ରଛାତ୍ରୀ, ଯୁବଗୋଷ୍ଠୀ ସମସ୍ତେ ଦୁଇଜଣ ଛାତ୍ରଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ଜଣେଇଥିଲେ। ଏହି ସମସ୍ତ କାର୍ଯ୍ୟକୁ ଏନସିସି ଅଧିକାରୀ ଲେଫ୍ଟନାଣ୍ଟ ଉଦୟ ନାଏକ ଆୟୋଜନ କରି ପରିଚାଳନା କରିଥିଲେ। ରାୟଗଡ଼ା ଜିଲ୍ଲାରୁ ଯାଇ ଓଡ଼ିଶାରୁ ଜାତୀୟସ୍ତରରେ ପ୍ରତିନିଧିତ୍ୱ କରିବା ଏକ ନିଆରା ଅନୁଭୂତି। ଡମ୍ବରୁ ଓ ଗୌତମ ରାୟଗଡ଼ା ଜିଲ୍ଲାକୁ ଗୌରବାନ୍ୱିତ କରିଥିବାରୁ ଜିଲ୍ଲାବାସୀ ତାଙ୍କୁ ନେଇ ଗର୍ବିତ ବୋଲି ଅଧ୍ୟକ୍ଷା ଶ୍ରୀମତୀ ସରାଫ ମତ ପ୍ରକାଶ କରିଛନ୍ତି।

● **ଦିଲ୍ଲୀ ଗଣତନ୍ତ୍ର ଦିବସରେ ଓଡ଼ିଶାରୁ କରିଥିଲେ ପ୍ରତିନିଧିତ୍ୱ**

# ଖତ ଖାଉଛି ଅଳିଆବୁହା ଗାଡ଼ି; କର୍ତ୍ତୃପକ୍ଷ ନୀରବ

**କୋରାପୁଟ,୩ା୨(ସମିସ)**




କୋରାପୁଟ ଜିଲ୍ଲାର ବିଭିନ୍ନ ପୌରାଞ୍ଚଳଗୁଡ଼ିକରେ ଅଳିଆ ବୋହିବା ପାଇଁ ବ୍ୟାଟେରି ଚାଳିତ ସ୍ୱଚ୍ଛ ସବାରୀ ଅଟୋ ରିକ୍ସା କିଣାଯାଇଥିଲା। ସ୍ୱଚ୍ଛ ଭାରତ ମିଶନ (ସହରାଞ୍ଚଳ) ତରଫରୁ ପ୍ରତି ଗାଡ଼ି ପିଛା ୧ ଲକ୍ଷ ୯୫ ହଜାର ଟଙ୍କାରେ କ୍ରୟ କରାଯାଇଥିବାବେଳେ ରକ୍ଷଣାବେକ୍ଷଣ ଅଭାବ ଓ ପରିଚାଳନାଗତ ତ୍ରୁଟି ଯୋଗୁଁ ବର୍ତ୍ତମାନ ଅନେକ ଗାଡ଼ି ଖତ ଖାଉଛି।

ସୂଚନା ମୁତାବକ, କୋରାପୁଟ ପୌର ପରିଷଦରେ ୧୦ଟି ଗାଡ଼ି କିଣାଯାଇଥିଲା। ସେଥିମଧ୍ୟରୁ ୬ଟି ଗାଡ଼ି ଖରାପ ହୋଇଥିବାବେଳେ ଜୟପୁର ପୌର ପରିଷଦରେ କିଣାଯାଇଥିବା ୨୬ଟି ଗାଡ଼ି ମଧ୍ୟରୁ ୧୬ଟି ଖରାପ ହୋଇଛି। ସେହିପରି ସୁନାବେଡ଼ା ପୌର ପରିଷଦର ୨୬ଟି ଗାଡ଼ି ମଧ୍ୟରୁ ୧୦ଟି ଗାଡ଼ି ଖରାପ ହୋଇ ପଡ଼ିରହିଛି। ତେବେ କୋରାପୁଟ ପୌର ପରିଷଦରେ ଖରାପ ହୋଇଥିବା ଗାଡ଼ି ମରାମତି କରିବା ତ ଦୂରର କଥା ଏହା ଉପରେ ଅଳିଆ ଆବର୍ଜନା ରଖାଯାଇଥିବା ଦେଖିବାକୁ ମିଳିଛି। କୋରାପୁଟ ଭଳି ଜିଲ୍ଲାରେ ବ୍ୟାଟେରିଚାଳିତ ଗାଡ଼ିର ଆବଶ୍ୟକତା ଥିଲା ନା ଏହା କିଣାଯିବା ପଛରେ କିଛି ରହସ୍ୟ ରହିଛି ବୋଲି ଏବେ ସାଧାରଣରେ ପ୍ରଶ୍ନ ଉଠିଛି। ଏହି ଗାଡ଼ିଗୁଡ଼ିକ ମରାମତି ନ କରି ସୁନାପୁର ମାଇକ୍ରୋ କମ୍ପୋଷ୍ଟ ୟୁନିଟରେ ରଖାଯାଇଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ୨ ଜଣ ସଦସ୍ୟାଙ୍କୁ ଡ୍ରାଇଭର ଟ୍ରେନିଂ ଦିଆଯାଇ ଗାଡ଼ି ହସ୍ତାନ୍ତର କରାଯାଇଛି। ଗାଡ଼ି ଖରାପ ହୋଇଯାଇଥିବାରୁ ମହିଳାମାନେ କର୍ତ୍ତୃପକ୍ଷଙ୍କୁ ଅନେକବାର କହୁଛନ୍ତି। କିନ୍ତୁ କର୍ତ୍ତୃପକ୍ଷ କର୍ଣ୍ଣପାତ କରୁ ନ ଥିବାବେଳେ ଦୀର୍ଘ ଦିନ ଗାଡ଼ି ପଡ଼ି ରହିବାରୁ ଲକ୍ଷ ଲକ୍ଷ ଟଙ୍କାର ଗାଡ଼ି ନଷ୍ଟ ହୋଇଯିବାକୁ ବସିଲାଣି। କାହିଁକି ଗାଡ଼ିର ମରାମତି କରାଯାଉନାହିଁ ତାହାର ତଦନ୍ତ କରାଯିବ ବୋଲି ଜିଲ୍ଲା ସହରାଞ୍ଚଳ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ଦୁର୍ଗା ପ୍ରସାଦ ଟାଲି କହିଛନ୍ତି। ଜିଲ୍ଲାରେ ପରିମଳ ବ୍ୟବସ୍ଥାକୁ ସୁଦୃଢ଼ କରାଯିବ ବୋଲି ସେ କହିଛନ୍ତି।

# ଆନ୍ଧ୍ର ଲୋକସତ୍ତା ଦଳର ରାଜ୍ୟ ସଭାପତିଙ୍କ କୋଟିଆରେ ଅନୁପ୍ରବେଶ



**ପଟାଙ୍ଗି,୩।୨(ସମିସ):** ଓଡ଼ିଶା ଆନ୍ଧ୍ର ମଧ୍ୟରେ ବିବାଦ ଲାଗିରହିଥିବା କୋଟିଆର ବିଭିନ୍ନ ଗ୍ରାମଗୁଡ଼ିକରେ ଆନ୍ଧ୍ର ଲୋକସତ୍ତା ଦଳର ରାଜ୍ୟ ସଭାପତି ବି. ବାବଜୀ ଅନୁପ୍ରବେଶ କରି ଆନ୍ଧ୍ର ବିରୋଧରେ କହିଥିବା ନେଇ ଜଣାପଡ଼ିଛି। ସୂଚନା ଅନୁଯାୟୀ, ଶୁକ୍ରବାର ସେ କୋଟିଆ ପଞ୍ଚାୟତର ସମ୍ମୁଖରେ ଓଡ଼ିଶା ରାଜ୍ୟ ସରକାରଙ୍କ ଦ୍ୱାରା ଚାଲିଥିବା 'ଆମ ଓଡ଼ିଶା, ନବୀନ ଓଡ଼ିଶା' କାର୍ଯ୍ୟକ୍ରମରେ ଅନୁପ୍ରବେଶ କରି ସେଠାରେ କରାଯାଇଥିବା ଷ୍ଟଲଗୁଡ଼ିକୁ ଦେଖିଥିଲେ। ଓଡ଼ିଶା ସରକାରଙ୍କ ଦ୍ୱାରା ନିର୍ମାଣ କରାଯାଇଥିବା ସମସ୍ତ ଉନ୍ନୟନମୂଳକ କାର୍ଯ୍ୟ ଦେଖିଥିଲେ। ସେଠାରୁ ଉପର ସେମ୍ବ୍ରୀ, ନେରେଡ଼ିୱାଲାସା ଆଦି ଗ୍ରାମଗୁଡ଼ିକୁ ଦେଖି ଫେରିଯାଇଥିଲେ। ସେଠାରୁ ସେ ଫେରି ଓଡ଼ିଶା ସରକାର ସେଠାରେ ମଧୁର ଜଳ ଏବଂ ବିଦ୍ୟୁତ୍ ଯୋଗାଣ, ଓଡ଼ିଶା ବିଜ୍ଞାପନ ବୋର୍ଡ ଲଗାଇବା ଆଦି ସମସ୍ତ ପ୍ରକାର ସୁବିଧା କରିଛନ୍ତି। କିନ୍ତୁ ଆନ୍ଧ୍ର କୌଣସି ବ୍ୟବସ୍ଥା କରିନାହିଁ ବୋଲି କହିଥିବା ନେଇ ଜଣାପଡ଼ିଛି। ପୂର୍ବରୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆସି ଆନ୍ଧ୍ର ପୁଲିସକୁ ଘଉଡ଼ାଇଥିବା ପ୍ରସଙ୍ଗକୁ ମଧ୍ୟ ପୁନର୍ବାର ଦୋହରାଇଥିବା ନେଇ ଜଣାପଡ଼ିଛି। ଏହାପରେ ସେ ଓଡ଼ିଶା ସରକାର ଏଠାରେ ରହିଥିବା ଖଣି ନିମନ୍ତେ ଏଭଳି କୋଟିଆ ଉପରେ ଉନ୍ନୟନମୂଳକ କାର୍ଯ୍ୟ କରୁଥିବା ନେଇ କହିଛନ୍ତି। ଉକ୍ତ ସମୟରେ ତାଙ୍କ ଦଳରୁ ପିଏଲ୍ଏନ୍ ରାଜୁ, ପୁଡାକାଲା ପ୍ରଭାକରା ରାଓ, ପି. ବେଦିକାର ପ୍ରମୁଖ ଅନୁପ୍ରବେଶ କରିଥିବା ନେଇ ଜଣାପଡ଼ିଛି।

# ନାବାଳିକା ଦୁଷ୍କର୍ମ ମାମଲା; ଅଭିଯୁକ୍ତକୁ ୧୦ ବର୍ଷ ସଶ୍ରମ କାରାଦଣ୍ଡ

**ଜୟପୁର,୩।୨(ସମିସ):** କୋରାପୁଟ ଜିଲ୍ଲା ଜୟପୁର ସ୍ଥିତ ଅତିରିକ୍ତ ଜିଲ୍ଲା ଦୌରା ଜଜ୍ ସ୍ୱତନ୍ତ୍ର ଫାଷ୍ଟ ଟ୍ରାକ୍ କୋର୍ଟରେ ନାବାଳିକାକୁ ଅପହରଣ ଏବଂ ଦୁଷ୍କର୍ମ କରିବା ମାମଲାରେ ଅଭିଯୁକ୍ତ ଯୁବକଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇ ୧୦ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରାଯାଇଛି। ଶନିବାର ଅତିରିକ୍ତ ଜିଲ୍ଲା ଦୌରା ଜଜ୍ ପ୍ରଜ୍ଞା ନଳିନୀ ମିଶ୍ର ଏହି ମାମଲାର ବିଚାର କରିବା ସହିତ ଅଭିଯୁକ୍ତ କୋଟପାଡ଼ ଥାନା ସୁରଲି ଗ୍ରାମର ଯୁବକ ଆବ୍ରହମ୍ ହରିଜନ (୨୯) ଓରଫ ଅଭି ଓରଫ ସଞ୍ଜୁକୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ତାଙ୍କ ରାୟରେ ଦୋଷୀକୁ ଭାରତୀୟ ପେନାଲ କୋଡର ଦୁଇଟି ଧାରାରେ ୧୦ ବର୍ଷ ସଶ୍ରମ କାରାଦଣ୍ଡ ଏବଂ ୨୩ ହଜାର ଟଙ୍କା ଜରିମାନା ଦଣ୍ଡରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦେୟ ସ୍ଥଳେ ଅଧିକ ୯ ମାସ କାରାଦଣ୍ଡରେ ଦଣ୍ଡିତ ହେବେ ବୋଲି ରାୟ ଶୁଣାଇଛନ୍ତି। ଏହି ମାମଲାରେ ୧୩ ଜଣ ସାକ୍ଷୀ ଏବଂ ୧୫ଟି ଦସ୍ତାବିଜକୁ ନେଇ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇଛି। ସେହିପରି କ୍ଷତିପୂରଣ ବାବଦକୁ ସରକାରଙ୍କ ନିୟମ ଅନୁସାରେ ୫ ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ରାଶି ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ମାଧ୍ୟମରେ ପୀଡ଼ିତାଙ୍କ ପରିବାରକୁ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ମାମଲା ପରିଚାଳନା ସମୟରେ ଆଇନ ସେବା ପ୍ରାଧିକରଣ ପକ୍ଷରୁ ଦେଢ଼ ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିବାବେଳେ ବଳକା ସାଢ଼େ ୪ ଲକ୍ଷ ଟଙ୍କା ପ୍ରଦାନ କରାଯିବ ବୋଲି ଏହି ମାମଲାକୁ ପରିଚଳନା କରୁଥିବା ସରକାରୀ ଆଇନଜୀବୀ ଡ. ଗାୟତ୍ରୀ ଦେବୀ ପ୍ରକାଶ କରିଛନ୍ତି। ସୂଚନା ଯୋଗ୍ୟ, ୨୦୧୭ ଜୁଲାଇ ୨୦ ତାରିଖରେ ଦୋଷୀସାବ୍ୟସ୍ତ ଯୁବକ ଉକ୍ତ ଅଞ୍ଚଳର ନାବାଳିକାଙ୍କୁ ବିବାହ ପ୍ରଲୋଭନ ଦେଖାଇ ଅପହରଣ କରିବା ସହ ଛତିଶଗଡ଼ ରାଜ୍ୟର ରାୟପୁର ଏବଂ ଅନ୍ୟାନ୍ୟ ଅଞ୍ଚଳକୁ ନେଇ ନିଜ ସମ୍ପର୍କୀୟଙ୍କ ଗୃହରେ ରଖି ବାରମ୍ବାର ଦୁଷ୍କର୍ମ କରିଥିଲା।

# ସ୍କୁଟି ଧକ୍କାରେ ଜଣେ ମୃତ, ଜଣେ ଗୁରୁତର



**ଚନ୍ଦାହାଣ୍ଡି,୩।୨(ସମିସ):** ନବରଙ୍ଗପୁର ଜିଲ୍ଲା ଚନ୍ଦାହାଣ୍ଡି ବ୍ଲକ ଅନ୍ତର୍ଗତ ଶରଧାପୁର-ଚନ୍ଦାହାଣ୍ଡି ମୁଖ୍ୟ ରାସ୍ତାରେ ଏକ ସ୍କୁଟି ଧକ୍କାରେ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ଅନ୍ୟ ଜଣେ ଗୁରୁତର ଆହତ ହୋଇଛନ୍ତି। ମୃତକ ଜଣକ ରଖହରି ବାଘ ବୋଲି ଜଣାପଡ଼ିଛି।

ସୂଚନାନୁଯାୟୀ, ଶରଧାପୁର ଗ୍ରାମର ରଖହରି ବାଘ(୪୮) ଶରଧାପୁର-ଚନ୍ଦାହାଣ୍ଡି ମୁଖ୍ୟ ରାସ୍ତାରେ ତାଙ୍କ ଜମି ନିକଟ ରାସ୍ତା କଡ଼ରେ ବାଇକ୍ ସହ ଠିଆ ହୋଇଥିଲେ। ଏତିକିବେଳେ ସେହି ଗ୍ରାମର କ୍ଷୀରସିନ୍ଧୁ ପୂଜାରୀ(୨୬) ସ୍କୁଟି ଯୋଗେ ଦ୍ରୁତ ଗତିରେ ଆସି ଭାରସାମ୍ୟ ହରାଇ ରଖହରିଙ୍କୁ ଧକ୍କା ଦେଇଥିଲେ। ଦୁର୍ଘଟଣାରେ ରଖହରିଙ୍କ ହାତ, ଗୋଡ଼ ଭାଙ୍ଗିଯିବା ସହ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ଫଳରେ ସେ ଅଚେତ ହୋଇଯାଇଥିବାବେଳେ କ୍ଷୀରସିନ୍ଧୁ ମଧ୍ୟ ଅଚେତ ହୋଇପଡ଼ିଥିଲେ। ଉଭୟଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ଚନ୍ଦାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ମନୀଷ ପୁରୋହିତ ରଖହରି ବାଘଙ୍କୁ ମୃତ ଘୋଷଣା କରିଥିବାବେଳେ ଗୁରୁତର କ୍ଷୀରସିନ୍ଧୁଙ୍କୁ ଅଧିକ ଚିକିତ୍ସା ପାଇଁ ନବରଙ୍ଗପୁର ଜିଲ୍ଲା ହସ୍ପିଟାଲକୁ ସ୍ଥାନାନ୍ତର କରିଥିଲେ। ଏ ସମ୍ବନ୍ଧରେ ମୃତକଙ୍କ ଭାଇ ଚନ୍ଦାହାଣ୍ଡି ଥାନାରେ ଲିଖିତ ଅଭିଯୋଗ ଦେବା ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ତେବେ ପରିବାର ଲୋକେ କ୍ଷତିପୂରଣ ଦାବିରେ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଆଗରେ ଶବ ରଖି ଧାରଣାରେ ବସିଥିଲେ। ପୁଲିସ ପ୍ରଶାସନ ଏବଂ ଚନ୍ଦାହାଣ୍ଡି ବିଡିଓ ରାମକୃଷ୍ଣ ନାୟକ ଡାକ୍ତରଖାନା ଯାଇ ପରିବାର ଲୋକଙ୍କୁ ବୁଝାସୁଝା କରିବା ସହ ରେଡକ୍ରସ ପାଣ୍ଠିରୁ ୧୦ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ଏହାପରେ ଶବ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ଜଣାପଡ଼ିଛି।

## ବିପଦସଙ୍କୁଳ ନୀଳକଣ୍ଠ ସାଗର

# ପୁନରୁଦ୍ଧାରବେଳେ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରିବାକୁ ଦାବି

**ଜୟପୁର,୩।୨(ସମିସ)**



କୋରାପୁଟ ଜିଲ୍ଲା ଜୟପୁର ନୀଳକଣ୍ଠ ସାଗର ବିପଦସଙ୍କୁଳ ଅବସ୍ଥାରେ ରହିଛି। ଏହାର ପୁନରୁଦ୍ଧାର ଓ ଉନ୍ନତିକରଣ କାର୍ଯ୍ୟ ଆରମ୍ଭ ହୋଇଥିବାବେଳେ ପୁନରୁଦ୍ଧାର କାର୍ଯ୍ୟବେଳେ ନିର୍ମାଣ କାର୍ଯ୍ୟ ନେଇଥିବା ସଂସ୍ଥା ପକ୍ଷରୁ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯିବାକୁ ଦାବି ହୋଇଛି। ସାଗରର ପନରୁଦ୍ଧାର ଓ ଉନ୍ନତିକରଣ କାର୍ଯ୍ୟ ପାଇଁ ସାଗରରୁ ସମ୍ପୂର୍ଣ୍ଣ ପାଣି ବାହାର କରାଯିବା ପରେ ତଳ ଭାଗରେ ପଙ୍କ ରହିଯାଇଛି। ଉକ୍ତ ପଙ୍କରୁ ମାଛ ଧରିବା ପାଇଁ ଆଖପାଖ ଗୋପବନ୍ଧୁ ନଗର, ବାପୁଜୀ ନଗର, ଶ୍ରମ କଲୋନୀ, ଗୌଡ଼ ସାହି ଅଞ୍ଚଳରେ ରହୁଥିବା ନାବାଳକନାବାଳିକାମାନେ ପୋଖରୀରେ ଥିବା ସେହି ପଙ୍କ ଭିତରେ ବିପଦସଙ୍କୁଳ ଭାବେ ପ୍ରବେଶ କରୁଛନ୍ତି। ଗତ ଗୁରୁବାର ସ୍ଥାନୀୟ ଗୋପବନ୍ଧୁ ଅଞ୍ଚଳର ଜଣେ ୮ ବର୍ଷ ବୟସର ନାବାଳିକା କେ. କମଳି ମାଛ ଧରିବାକୁ ଯାଇ ପଙ୍କ ଭିତରେ ଫଶିଯିବା ଯୋଗୁଁ ପଙ୍କରେ ବୁଡ଼ି ତା'ର ମୃତ୍ୟୁ ହୋଇଥିଲା। ତେଣୁ ନିର୍ମାଣକାରୀ ଠିକାସଂସ୍ଥା ପକ୍ଷରୁ ପ୍ରଥମେ ଆବଶ୍ୟକୀୟ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରି ନୀଳକଣ୍ଠ ସାଗରରେ ସୌନ୍ଦର୍ଯ୍ୟକରଣ ନିର୍ମାଣ କାର୍ଯ୍ୟ କରିବାକୁ ସାଧାରଣରେ ଦାବି ହୋଇଛି। ବାହାର ଲୋକମାନଙ୍କୁ ପୁନରୁଦ୍ଧାର କାର୍ଯ୍ୟ ଚାଲିଥିବା ପୋଖରୀ ଭିତରକୁ ପ୍ରବେଶ ସମ୍ପୂର୍ଣ୍ଣ ଭାବେ ନିଷେଧ କରିବା ସହ ସୁରକ୍ଷାକର୍ମୀଙ୍କୁ ନିୟୋଜିତ କରିବାକୁ ଦାବି ହୋଇଛି। ପୋଖରୀରେ ସଫେଇ ପାଇଁ ବଡ଼ ବଡ଼ ପ୍ରୋକଲିନ ମେସିନ ଏବଂ ଅନ୍ୟାନ୍ୟ ଯନ୍ତ୍ରପାତି କାର୍ଯ୍ୟ କରୁଥିବା ଯୋଗୁଁ ବାହାର ଲୋକ ଏବଂ ନାବାଳକନାବାଳିକା ଭିତରେ ପ୍ରବେଶ କଲେ ଆଗାମୀ ଦିନରେ ଏକ ବଡ଼ ଅଘଟଣ ଘଟିବାର ସମ୍ଭାବନା ରହିଥିବା ଯୋଗୁଁ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରିବା ଦିଗରେ ପଦକ୍ଷେପ ନେବାକୁ ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି।

# ଓଡ଼ିଶା ସାହିତ୍ୟ ଏକାଡେମୀ ସଦସ୍ୟ ପଦ ପୂରଣ ଦାବି

**ନବରଙ୍ଗପୁର,୩।୨(ସମିସ):** ଓଡ଼ିଆ ଭାଷା ସାହିତ୍ୟ, ସଂସ୍କୃତିର ସୁରକ୍ଷା ଓ ପ୍ରଚାରପ୍ରସାର ପାଇଁ ସରକାରଙ୍କ ତରଫରୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଥିଲେ ମଧ୍ୟ ସାହିତ୍ୟ ଓ ସଂସ୍କୃତି ବିଭାଗ ଅଧୀନରେ ଥିବା ଓଡ଼ିଶା ସାହିତ୍ୟ ଏକାଡେମୀର ନବରଙ୍ଗପୁର ଜିଲ୍ଲା ସଦସ୍ୟ ପଦଗୁଡ଼ିକ ଦୀର୍ଘ ୬ ମାସରୁ ଅଧିକ ସମୟ ଧରି ପୂରଣ କରୁ ନ ଥିବା ଯୋଗୁଁ ଜିଲ୍ଲାର ସାହିତ୍ୟିକ ଓ ବୁଦ୍ଧିଜୀବୀ ମହଲରେ କ୍ଷୋଭ ପ୍ରକାଶ ପାଇଛି। ତୁରନ୍ତ ଖାଲିଥିବା ଓଡ଼ିଶା ସାହିତ୍ୟ ଏକାଡେମୀ ସଦସ୍ୟ ପଦଗୁଡ଼ିକୁ ପୂରଣ କରାଯିବାକୁ ଦାବି ହୋଇଛି। ପଦଗୁଡ଼ିକ ଖାଲି ରହିବା ଦ୍ୱାରା ଜିଲ୍ଲାରେ ସାହିତ୍ୟ ଓ ସଂସ୍କୃତିର ସୁରକ୍ଷା ସମେତ ଏକାଡେମୀ ପକ୍ଷରୁ ନିଆଯାଉଥିବା ପଦକ୍ଷେପଗୁଡ଼ିକ ବନ୍ଦ ରହିଛି। ନବରଙ୍ଗପୁର ଜିଲ୍ଲାର ଏକାଡେମୀ ସଦସ୍ୟ ପଦ ପୂର୍ବତନ ସଦସ୍ୟ ବଲ୍ଲଭ ରାଉତଙ୍କ ଅବଧି ପରେ ଖାଲି ପଡ଼ିଛି। ନୂତନ ସଦସ୍ୟ ମନୋନୀତ କରୁ ନ ଥିବା ଯୋଗୁଁ ଜିଲ୍ଲାର ବିଭିନ୍ନ ସାହିତ୍ୟ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ସମାରୋହଗୁଡ଼ିକରେ ଯଥାର୍ଥ ପ୍ରତିନିଧିତ୍ୱ ହୋଇପାରୁନାହିଁ। ଏହା ବ୍ୟତୀତ ଜିଲ୍ଲାର ଛାତ୍ରଛାତ୍ରୀମାନଙ୍କର ସାହିତ୍ୟ ସଂସ୍କୃତି କ୍ଷେତ୍ରରେ ରହିଥିବା ପ୍ରତିଭାର ବିକାଶ ପାଇଁ ଏକାଡେମୀ ପକ୍ଷରୁ ଆୟୋଜନ ହେଉଥିବା କାର୍ଯ୍ୟକ୍ରମଗୁଡ଼ିକରେ ବ୍ୟାଘାତ ସୃଷ୍ଟି ହେଉଛି। ଏକାଡେମୀ ସଦସ୍ୟଙ୍କ ଅଭାବରୁ ଉପୁଜୁଥିବା ସମସ୍ୟାର ସମାଧାନ ପାଇଁ ତୁରନ୍ତ ନବରଙ୍ଗପୁର ଜିଲ୍ଲାର ସାହିତ୍ୟ ଏକାଡେମୀ ସଦସ୍ୟ ପଦ ପୂରଣ ପାଇଁ ଭାଗୀରଥି ସ୍ମୃତି ସଂସଦର ସମ୍ପାଦକ ରାମ ପ୍ରସାଦ ପାତ୍ର ଦାବି କରିଛନ୍ତି।

# କାର୍ଯ୍ୟକ୍ଷମ ପୂର୍ବରୁ ଫାଟିଲା ମେଗା ଜଳଯୋଗାଣ ପ୍ରକଳ୍ପର ପାଇପ୍



**ତେନ୍ତୁଳିଖୁଣ୍ଟି,୩।୨(ସମିସ):** ନବରଙ୍ଗପୁର ଜିଲ୍ଲା ତେନ୍ତୁଳିଖୁଣ୍ଟି ବ୍ଲକର ୧୫ ପଞ୍ଚାୟତ ଏବଂ ନନ୍ଦାହାଣ୍ଡି ବ୍ଲକର ୮ଟି ପଞ୍ଚାୟତକୁ ବିଶୁଦ୍ଧ ପାନୀୟଜଳ ଯୋଗାଇବା ଉଦ୍ଦେଶ୍ୟରେ ସରକାର ମେଗା ଜଳଯୋଗାଣ ପ୍ରକଳ୍ପ ଆରମ୍ଭ କରିଛନ୍ତି। କିନ୍ତୁ ଏହି ପ୍ରକଳ୍ପ କାର୍ଯ୍ୟକ୍ଷମ ହେବା ପୂର୍ବରୁ ଏବେ ପ୍ରକଳ୍ପର ପାଇପ୍ ଲାଇନ୍ ଫାଟି ରାସ୍ତାରେ ପାନୀୟଜଳ ପ୍ରବାହିତ ହେଉଥିବା ନଜରକୁ ଆସିଛି। ଯାହାକୁ ନେଇ ଏବେ ଅସନ୍ତୋଷ ପ୍ରକାଶ ପାଇଛି। ଇନ୍ଦ୍ରାବତୀ ଜଳ ଭଣ୍ଡାର ପାଣିକୁ ଦୁଇ ବ୍ଲକର ୨୩ ପଞ୍ଚାୟତବାସୀଙ୍କୁ ଏହି ପ୍ରକଳ୍ପ ଦ୍ୱାରା ପାଣି ମିଳିବ। ବର୍ତ୍ତମାନ ପରୀକ୍ଷାମୂଳକ ଭାବରେ ପାଣି ଛଡ଼ାଯାଉଛି। ତେବେ ତେନ୍ତୁଳିଖୁଣ୍ଟି-ନବରଙ୍ଗପୁର ରାସ୍ତାର ମେଣ୍ଡ୍ରି ଓ ଧଣ୍ଡରା ମଧ୍ୟରେ ଯାଇଥିବା ଏକ ପାଇପ୍ ଫାଟି ଅନବରତ ପାଣି ବୋହିବାରେ ଲାଗିଥିବା ଦେଖିବାକୁ ମିଳିଛି। ଉକ୍ତ ପାଇପ୍ ଫାଟିବା ଦ୍ୱାରା ପାଣି ପ୍ରାୟ ୫୦ ଫୁଟ୍ ଉପରକୁ ଉଠୁଥିବାବେଳେ ରାସ୍ତା ଉପରେ ଆଣ୍ଠୁଏ ଉଚ୍ଚରେ ପାଣି ବୋହୁଥିବା ଦେଖିବାକୁ ମିଳିଛି। ତେବେ ନିମ୍ନମାନର କାର୍ଯ୍ୟ ଯୋଗୁଁ ଏଭଳିଆ ସ୍ଥିତି ଉପୁଜିଥିବା ଲୋକେ ଅଭିଯୋଗ କରିଛନ୍ତି। ପ୍ରକଳ୍ପ ଆରମ୍ଭ ହେବା ପୂର୍ବରୁ ଯଦି ଏଭଳି ସ୍ଥିତି ଦେଖିବାକୁ ମିଳିଛି, ତାହେଲେ ପ୍ରକଳ୍ପ କେତେଦିନ ଚାଲିବ ଏବଂ ଲୋକେ ପାନୀୟଜଳ ପାଇବେ ତ ବୋଲି ସାଧାରଣରେ ପ୍ରଶ୍ନ ଉଠୁଛି। ଏଣୁ ବିଭାଗୀୟ ଅଧିକାରୀ ଏହାର ତଦାରଖ କରି ଉପଯୁକ୍ତ କାର୍ଯ୍ୟ କରିବା ପାଇଁ ସାଧାରଣରେ ଦାବି ହେଉଛି।

## ■ ଭଗ୍ନାବସ୍ଥାରେ ସିନ୍ଧିପଦର ପ୍ରାଥମିକ ବିଦ୍ୟାଳୟ

# କାନ୍ଥ ଫାଟି ଆଁ; ବାରଣ୍ଡାରେ ପଢୁଛନ୍ତି ଛାତ୍ରଛାତ୍ରୀ




**କଲ୍ୟାଣସିଂହପୁର,୩।୨(ସମିସ):** ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ୍ ସିଙ୍ଗାରି ପଞ୍ଚାୟତ ସିନ୍ଧିପଦର ପ୍ରାଥମିକ ବିଦ୍ୟାଳୟର କାନ୍ଥ ଫାଟି ଆଁ କରିଥିବାରୁ ବିଦ୍ୟାଳୟର ୨୧ ଛାତ୍ରଛାତ୍ରୀ ଭୟଭୀତ ହୋଇ ବାରଣ୍ଡାରେ ପାଠପଢୁଥିବା ଦେଖିବାକୁ ମିଳିଛି। ବର୍ଷା ଦିନ ହେଲେ ବିଦ୍ୟାଳୟ କୋଠାରୁ ପାଣି ଗଳୁଥିବାରୁ କାଗଜପତ୍ର ପାଣିରେ ଭିଜି ନଷ୍ଟ ହେବା ସହ ଛାତ୍ରଛାତ୍ରୀମାନେ ଅସୁବିଧା ଭୋଗୁଥିବା ମଧ୍ୟ ଅଭିଯୋଗ କରିଛନ୍ତି ଗ୍ରାମବାସୀ। ଯଦି କେବେ କୌଣସି ଅଘଟଣ ଘଟିଯାଏ ସେଥିପାଇଁ କିଏ ଦାୟୀ ରହିବ ବୋଲି ଗ୍ରାମବାସୀ ପ୍ରଶ୍ନ କରିଛନ୍ତି। ସରକାରୀ ଶିକ୍ଷା ବ୍ୟବସ୍ଥାରେ ବିଦ୍ୟାଳୟଗୁଡ଼ିକୁ ସ୍ୱତନ୍ତ୍ର ଦୃଷ୍ଟି ଦେଇ ଏହାର ବିକାଶ ଦିଗରେ ପଦକ୍ଷେପ ନେଇ ପିଲାମାନଙ୍କୁ ପ୍ରୋତ୍ସାହିତ କରିବା, ସରକାରୀ ବିଦ୍ୟାଳୟ ପ୍ରତି ରହିଥିବା ବିମୁଖତାକୁ ଦୂର କରିବା ପାଇଁ ଗ୍ରାମର ଶିକ୍ଷାପ୍ରେମୀ ଓ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।

# ଅଚିହ୍ନା ବୃଦ୍ଧଙ୍କୁ ଉଦ୍ଧାରକଲେ ବେହେଡ଼ା ଗ୍ରାମବାସୀ



**ଉମରକୋଟ/ବେହେଡ଼ା,୩।୨(ସମିସ):** ଦୀର୍ଘ ୨ ଦିନ ଧରି ଭୋକ ଉପାସରେ ପଡ଼ିଥିବା ଜଣେ ଅଚିହ୍ନା ଓ ମୁମୂର୍ଷୁ ଅବସ୍ଥାରେ ପଡ଼ି ରହିଥିବା ବୃଦ୍ଧଙ୍କୁ ବେହେଡ଼ା ଗ୍ରାମବାସୀ ଉଦ୍ଧାର କରି ଉମରକୋଟ ହସ୍ପିଟାଲକୁ ପଠାଇଛନ୍ତି। ଦୀର୍ଘ ୨ ଦିନ ଧରି ଜଣେ ଅଚିହ୍ନା ବୃଦ୍ଧ ବେହେଡ଼ା ଛକଠାରେ ଏକ ଲଟାବୁଦା ମଧ୍ୟରେ ପଡ଼ି ରହିଥିଲେ। ଶନିବାର କିଛି ଗ୍ରାମବାସୀ ଉକ୍ତ ବ୍ୟକ୍ତିଙ୍କୁ ଦେଖି ସମାଜସେବୀ ସୁଦାମ ମିଶ୍ରଙ୍କୁ ଖବର ଦେଇଥିଲେ। ଖବର ପାଇ ସରପଞ୍ଚ ଓ କିଛି ଗ୍ରାମବାସୀ ପହଞ୍ଚି ବୃଦ୍ଧ ଜଣକ କିଛି ଦିନ ଖାଇ ନ ଥିବା ଜାଣି ଖାଇବାକୁ ଦେଇଥିଲେ। ବୃଦ୍ଧ ଜଣକ ମାନସିକ ବିକୃତ ହୋଇଥିବା ଜଣାପଡ଼ିଛି। ବୃଦ୍ଧ ଜଣକ ଘର କେତେବେଳେ ରାଇଘର କହୁଥିବାବେଳେ କେତେବେଳେ କଳାହାଣ୍ଡି ଜିଲ୍ଲା ବୋଲି କହୁଛନ୍ତି। ଗ୍ରାମବାସୀ ୧୦୮ ଆମ୍ବୁଲାନ୍ସକୁ ଖବର ଦେବା ପରେ ଆମ୍ବୁଲାନ୍ସ ଆସି ବୃଦ୍ଧଙ୍କୁ ଉମରକୋଟ ହସ୍ପିଟାଲକୁ ନେଇ ଯାଇଛି। ବର୍ତ୍ତମାନ ଉମରକୋଟ ହସ୍ପିଟାଲରେ ତାଙ୍କର ଚିକିତ୍ସା ଚାଲିଛି। ତେବେ ଖବର ଲେଖାହେବା ସୁଦ୍ଧା ବୃଦ୍ଧଙ୍କର କୌଣସି ପରିଚୟ ମିଳିପାରିନାହିଁ।

# ୧୦୮ କୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞରେ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ



**ସେମିଳିଗୁଡ଼ା,୩।୨(ସମିସ):** କୋରାପୁଟ ଜିଲ୍ଲାର ସେମିଳିଗୁଡ଼ା ସତ୍ୟନଗରରେ ଗାୟତ୍ରୀ ପରିବାର ପକ୍ଷରୁ ୧୦୮ କୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ତୃତୀୟ ଦିନରେ ପହଞ୍ଚିଛି। ଏହି ଅବସରରେ ଅନେକ ଅଧ୍ୟାତ୍ମିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଶାନ୍ତି କୁଣ୍ଡର ଅଖିଳ ବିଶ୍ୱ ଗାୟତ୍ରୀ ପରିବାରରୁ ଆସିଥିବା ୧୨ ଜଣ ସନ୍ଥଙ୍କ ଦ୍ୱାରା ଗାୟତ୍ରୀ ମନ୍ତ୍ରପାଠ, ଗାୟତ୍ରୀ ପୂଜାର୍ଚ୍ଚନା ଅନୁଷ୍ଠିତ ହୋଇଥିଲା। ସାମୂହିକ ଜପ, ଧ୍ୟାନ, ଯୋଗ, ଯଜ୍ଞ, ସାମୂହିକ ବିବାହ ସଂସ୍କାର, ବ୍ରତ, ନାମକରଣ, ମୁଣ୍ଡନ, ବିଦ୍ୟାରମ୍ଭ ଭଳି କାର୍ଯ୍ୟକ୍ରମ ହୋଇଛି। ଏହିସବୁ ବିଭିନ୍ନ ସଂସ୍କାର ସହ ଦେବ ଦମ୍ପତି ସମ୍ମିଳନୀ, ଅପରାହ୍ଣରେ ଦେବ ସଂସ୍କୃତି ବିଶ୍ୱବିଦ୍ୟାଳୟ, ହରିଦ୍ୱାରର ପ୍ରତି କୁଳାଧିପତି ଡ. ଚିନ୍ମୟ ପାଣ୍ଡ୍ୟାଙ୍କ ଦ୍ୱାରା ବିଶେଷ ପ୍ରବଚନ କାର୍ଯ୍ୟକ୍ରମ ହୋଇଥିଲା। କମିଟିର ଡ. ଚିତ୍ତରଞ୍ଜନ ମିଶ୍ର, ବିଚିତ୍ରାନନ୍ଦ ଧଳ, ଆନନ୍ଦ ପାଟ୍ଟାନିଆ, କୋରାମଣି ମହାରଣା, ବାସୁଦେବ ସାହୁ, ଅଜୟ ସୂତାର, ପ୍ରଭାକର ମହାରଣା, ବୁଲୁ ପ୍ରସାଦ ସହ ସହରର ଯୁବ ଗୋଷ୍ଠୀ ଏଥିରେ ସାହାଯ୍ୟ କରିଥିଲେ। ରବିବାର ଏହି ଗାୟତ୍ରୀ ମହାଯଜ୍ଞ ସମାପ୍ତ ହେବ। ମଣ୍ଡପ ନିକଟରେ ଆୟୋଜିତ ପ୍ରବେଶ ଦ୍ୱାର, ପ୍ରଦର୍ଶନୀ କାର୍ଯ୍ୟକ୍ରମର ବିଶେଷ ଆକର୍ଷଣ ହୋଇଛି। ସନ୍ଧ୍ୟାରେ ଯୁଗ ସଂଗୀତ ଓ ପ୍ରବଚନ କାର୍ଯ୍ୟକ୍ରମ ରଖାଯାଇଛି। ଏଥିସହ ୨୪ ହଜାରର ବିରାଟ ଦୀପ ଯଜ୍ଞ ଆୟୋଜନ କରାଯାଇଥିଲା।

## ଜାତୀୟ ସେବା ଯୋଜନା ଶିବିର ଉଦ୍‌ଯାପିତ

# 'ସାମାଜିକ ସେବା ଦିଗରେ ଯୁବ ଗୋଷ୍ଠୀ ଆଗଭର ହୁଅନ୍ତୁ'

**ନନ୍ଦପୁର,୩।୨(ସମିସ)**



ଲୋକଙ୍କ ସେବାରେ ଓ ସାମାଜିକ ସେବା ଦିଗରେ ଯୁବ ଗୋଷ୍ଠୀ ଆଗଭର ହୁଅ ବୋଲି କାଙ୍ଗରାପଡ଼ା ଗାଁରେ ଆୟୋଜିତ ଜାତୀୟ ସେବା ଯୋଜନା ଶିବିରର ଉଦଯାପନୀ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ କହିଛନ୍ତି। ଲମତାପୁଟ ଡିଗ୍ରୀ କଲେଜର ଜାତୀୟ ସେବା ଯୋଜନା ପକ୍ଷରୁ ଲମତାପୁଟ ବ୍ଲକର କାଙ୍ଗରାପଡ଼ା ଗାଁରେ ଏକ ସପ୍ତାହ ଧରି ଶୀତକାଳୀନ ଶିବିର କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଲମତାପୁଟ ଡିଗ୍ରୀ କଲେଜର ଛାତ୍ରଛାତ୍ରୀମାନେ ନିଶା ସେବନ ବନ୍ଦ କରିବା, ବାଲ୍ୟ ବିବାହ ପ୍ରଥା ବନ୍ଦ କରିବା, ଗାଁ ପରିବେଶ ସଫା ରଖିବା, ଶିକ୍ଷା, ସ୍ୱାସ୍ଥ୍ୟ ଉପରେ ସବୁବେଳେ ଯତ୍ନବାନ ହେବା ଓ ଗରିବ ଅସହାୟ ଲୋକଙ୍କ ସେବା କରିବା ଭଳି ଅନେକ ସଚେତନତା ବାର୍ତ୍ତା ଦେଇ ଗାଁ ଲୋକଙ୍କୁ ସଚେତନତା କରାଇଥିଲେ। ଲମତାପୁଟ ଡିଗ୍ରୀ କଲେଜର ଅଧ୍ୟକ୍ଷ ପ୍ରବୀଣ କୁମାର ବିଶୋଇଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦଯାପନୀ ଉତ୍ସବରେ ଲମତାପୁଟ ଜୋନ୍-୧ର ଜିଲ୍ଲା ପରିଷଦ ପୂର୍ଣ୍ଣଚନ୍ଦ୍ର ପାଙ୍ଗି ମୁଖ୍ୟ ଅତିଥି ଭାବେ ଉପସ୍ଥିତ ଥିବାବେଳେ ସମ୍ମାନିତ ଅତିଥି ଭାବେ ସାମ୍ବାଦିକ ଜଗତ ଜୀବନ କଟିମ, ୱାର୍ଡ ମେମ୍ବର ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଅଧ୍ୟାପକ ମଧୁସୂଦନ ଖିଲ ପରିଚାଳନା କରିଥିବାବେଳେ ଅଧ୍ୟାପକ ଅନାମ ଖିଲ, ଅସିତ କୁମାର ଗିରି, ସୁନିତା ସାମନ୍ତରାୟ, ସାଗରିକା ପାତ୍ର, ଭାରତୀ ପଟ୍ଟନାୟକ ଓ କଲେଜ କର୍ମଚାରୀ ପ୍ରଶାନ୍ତ କୁମାର ତ୍ରିପାଠୀ, ମଥୁରା ପାଙ୍ଗି, ନରସିଂହ ଖରା, ଲିପ୍ସା ପାଲକା ଓ ଦୀପ୍ତିଶିଖା ମହାନ୍ତି ସହଯୋଗ କରିଥିଲେ।



# ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଓ 'ଆମ ଓଡ଼ିଶା-ନବୀନ ଓଡ଼ିଶା' କାର୍ଯ୍ୟକ୍ରମ



**ଗୁଣୁପୁର,୩।୨(ସମିସ):** ଗୁଣୁପୁର ସଦର ମହକୁମା ଟାଉନହଲରେ ପୌର ପରିଷଦ ତରଫରୁ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଓ 'ଆମ ଓଡ଼ିଶା ନବୀନ ଓଡ଼ିଶା' ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଆୟୋଜିତ ଏହି କାର୍ଯ୍ୟକ୍ରମରେ ଗୁଣୁପୁର ବିଧାୟକ ରଘୁନାଥ ଗମାଙ୍ଗ, ପୌର ପରିଷଦ ଅଧ୍ୟକ୍ଷା ମମତା ଗୌଡ଼, ଉପ ଜିଲ୍ଲାପାଳ ଗୁଣପୁର କିରଣଦୀପ କୋର୍ ସହୋଟା, ପୌର ପରିଷଦ ଉପାଧ୍ୟକ୍ଷ ଶିବପ୍ରସାଦ ଗୌଡ଼, କାର୍ଯ୍ୟନିର୍ବାହୀ ଅଧିକାରୀ ସ୍ୱସ୍ତିକ ଜମାଦାର ପ୍ରମୁଖ ଯୋଗଦେଇଥିଲେ । କାର୍ଯ୍ୟକ୍ରମ ପ୍ରାରମ୍ଭରେ ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ଏବଂ କଣ୍ଠଶିଳ୍ପୀ ସିଦ୍ଧାର୍ଥ ଦାଶଙ୍କ ଦ୍ୱାରା ଭଜନ ସଙ୍ଗୀତ ପରିବେଷଣ କରାଯାଇଥିବାବେଳେ କୁନିକୁନି ଶିଶୁମାନଙ୍କ ଦ୍ୱାରା ଭଜନ ଓ ଓଡ଼ିଶୀ ନୃତ୍ୟ ପରିବେଷଣ କରାଯାଇଥିଲା । ଉପସ୍ଥିତ ଅତିଥିମାନେ ଏହି କାର୍ଯ୍ୟକ୍ରମର ଗୁରୁତ୍ୱ ଏବଂ ଓଡ଼ିଆ ଭାଷାର ସୁଦୀର୍ଘ ଇତିହାସ ବିଷୟରେ ଆଲୋଚନା କରିଥିଲେ । ଉପସ୍ଥିତ ବରିଷ୍ଠ ସାହିତ୍ୟିକ ନରସିଂହ ପ୍ରସାଦ ଦାଶ ଓଡ଼ିଆ ସାହିତ୍ୟ ଓ ଆମ ସଂସ୍କୃତି ଉଭୟର ସାମାଜିକ ଜୀବନ ସହ କିପରି ଅଙ୍ଗାଙ୍ଗୀ ଭାବରେ ଜଡ଼ିତ ତାହା ଦର୍ଶାଇ ଥିଲେ । ଉକ୍ତ କାର୍ଯ୍ୟକ୍ରମରେ କବିତା ଆସରର ଆୟୋଜନ କରାଯାଇଥିଲା । ସେଥିରେ ଗୁଣପୁର ମାଟିର ବିଶିଷ୍ଟ କବି ନରସିଂହ ପଟ୍ଟନାୟକ, ସଂଯୁକ୍ତା ତ୍ରିପାଠୀ, ରଜନୀ ରାଣୀ ମିଶ୍ର ଓ ବାଣୀଶ୍ରୀ ମହିଳା ସଂଘର ସଭାପତି କବିତା ପାଠ କରିଥିଲେ । କାର୍ଯ୍ୟକ୍ରମ ପରିଶେଷରେ ଗୁଣୁପୁର ମାଟିର ଗର୍ବ ଓ ଗୌରବ ଭାବେ ପରିଚିତ ବିଶିଷ୍ଟ କବି କାଳୀକିଙ୍କର ମିଶ୍ର, ବିଶିଷ୍ଟ ଶିକ୍ଷାବିତ୍ ନରସିଂହ ଦାଶ, ବିଶିଷ୍ଟ କବି ଓ ଲେଖକ ପ୍ରତାପ ରାୟ , କବୟିତ୍ରୀ ସଂଯୋଜିକା ବେବିରାଣୀ ନନ୍ଦ, ଯୁବ ସଂଯୋଜିକା ଭାବେ ଶ୍ରାବଣୀ ରଥଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା । ଆଜିର ଏହି କାର୍ଯ୍ୟକ୍ରମରେ ସଂଯୋଜିକା ଭାବେ ଶ୍ରାବଣୀ ରଥ ମଞ୍ଚ ସଂଯୋଜନା କରିଥିବାବେଳେ ପୌର ପରିଷଦର ମୁକ୍ତା ଯନ୍ତ୍ରୀ ରବିନ୍ଦ୍ର ନାଥ ଦାଶ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । କାର୍ଯ୍ୟକ୍ରମରେ ପରିଷଦର ସମସ୍ତ କାଉନ୍ସିଲର, ଗଣମାଧ୍ୟମ ପ୍ରତିନିଧି, ବାଳିକା ମହାବିଦ୍ୟାଳୟର ବହୁ ଛାତ୍ରୀ ଏବଂ ଗୁଣପୁର ଅଞ୍ଚଳର ବୁଦ୍ଧିଜୀବୀ ଓ ଜନସାଧାରଣମାନେ ଉପସ୍ଥିତ ଥିଲେ । ଅନ୍ୟପକ୍ଷରେ ବ୍ଲକ କାର୍ଯ୍ୟାଳୟ ପରିସରେ ମଧ୍ୟ ଉକ୍ତ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ବିଧାୟକ ରଘୁନାଥ ଗମାଙ୍ଗ, ବ୍ଲକ ଅଧ୍ୟକ୍ଷା ଝିଲି ଶବର, ବିଡିଓ ଶୁଭ୍ରାଞ୍ଜଳି ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ । ଗ୍ରାମାଞ୍ଚଳର କବି କବୟିତ୍ରୀ, ଲେଖକ ଲେଖିକା ମାନଙ୍କୁ ଅତିଥୀଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା ।

## ଜିଲ୍ଲାସ୍ତରୀୟ ଜନଜାତି ସାଂସ୍କୃତିକ ମହୋତ୍ସବ ଉଦ୍‌ଯାପିତ

# 'ଯେଉଁଠି କଳା, ସଂସ୍କୃତି ବଞ୍ଚିଛି ସେଠାରେ ବିକାଶ ଆଗେଇଛି'

ରାୟଗଡ଼ା,୩।୨(ସମିସ)



ଯେଉଁ ଜାଗାରେ କଳା, ସଂସ୍କୃତି ଜୀବିତ ରହିଛି ସେହି ପ୍ରାନ୍ତ, ରାଜ୍ୟ ତଥା ଦେଶରେ ବିକାଶ ଆଗେଇ ଚାଲିଛି । ଆଦିବାସୀ ବହୁଳ ରାୟଗଡ଼ା ଜିଲ୍ଲାରେ ମଧ୍ୟ ଜନଜାତିଙ୍କ କଳା, ସଂସ୍କୃତି ଓ ପରମ୍ପରାର ପ୍ରୋତ୍ସାହନ ନିମନ୍ତେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ (ଏସଡିସି) ରାୟଗଡ଼ା ଆନୁକୂଲ୍ୟରେ ବହୁ କାର୍ଯ୍ୟକ୍ରମ କରାଯାଉଛି । ଯଦ୍ଦ୍ୱାରା ଏଠାକାର ଜନଜାତିଙ୍କ କଳା, ସଂସ୍କୃତି ଓ ପରମ୍ପରା ଉଜ୍ଜୀବିତ ହୋଇ ରହିଛି ଏବଂ ସେମାନଙ୍କ ପାଇଁ ସରକାରଙ୍କ ତରଫରୁ ମଧ୍ୟ ବିଭିନ୍ନ ଯୋଜନା ସହ ସହାୟତା ଯୋଗାଇ ଦିଆଯାଉଛି ବୋଲି ଜିଲ୍ଲାସ୍ତରୀୟ ଜନଜାତି ସାଂସ୍କୃତିକ ମହୋତ୍ସବର ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ ପ୍ରକାଶ କରିଛନ୍ତି । ରାୟଗଡ଼ା ଜିଲ୍ଲା ଏସଡିସି ଅଧ୍ୟକ୍ଷା ଅନୁସୂୟା ମାଝିଙ୍କ ପୌରୋହିତ୍ୟରେ ସହରର ସ୍ଥାନୀୟ ଜିସିଡି ହାଇସ୍କୁଲ ପଡ଼ିଆଠାରେ ଗତ ୧ରୁ ୩ ତାରିଖ ପର୍ଯ୍ୟନ୍ତ ତିନି ଦିନ ଧରି ଅନୁଷ୍ଠିତ ହୋଇଥିବା ଏହି ମହୋତ୍ସବର ଉଦଯାପନୀ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ରାୟଗଡ଼ା ବିଧାୟକ ମକରନ୍ଦ ମୁଦୁଲି, ଜିଲ୍ଲା ପରିଷଦ ଅଧ୍ୟକ୍ଷା ସରସ୍ୱତୀ ମାଝି, ଜିଲ୍ଲା ଏସଡିସି ଉପାଧ୍ୟକ୍ଷ ବନମାଳି କାଡ୍ରକା, ପଦ୍ମପୁର ପଞ୍ଚାୟତ ସମିତି ଅଧ୍ୟକ୍ଷା, ଅତିରିକ୍ତ ଜିଲ୍ଲାପାଳ ଭାସ୍କର ରଇତ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ନିହାର ରଞ୍ଜନ କହଁର, ଉପଜିଲ୍ଲାପାଳ କଲ୍ୟାଣୀ ସଂଘମିତ୍ରା ଦେବୀ ପ୍ରମୁଖ ଉପସ୍ଥିତ ଥିଲେ । ତିନି ଦିନ ବ୍ୟାପୀ ଏହି ସାଂସ୍କୃତିକ ଉତ୍ସବରେ ରାୟଗଡ଼ା ଜିଲ୍ଲା ତଥା ରାଜ୍ୟର ବିଭିନ୍ନ ଜିଲ୍ଲାରୁ ଜନଜାତି ଲୋକନୃତ୍ୟ, କଳା ଓ ସଙ୍ଗୀତର ପ୍ରଦର୍ଶନ କାର୍ଯ୍ୟକ୍ରମ କରାଯାଇଥିଲା । ଏଥିସହ ମେଳାରେ ଜନଜାତି ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କ ଦ୍ୱାରା ପାରମ୍ପରିକ ବସ୍ତୁ ଓ ଦ୍ରବ୍ୟ ସମ୍ପର୍କିତ ଷ୍ଟଲ ଖୋଲାଯାଇଥିଲା । ଏସଡିସି ମାଧ୍ୟମରେ ଜନଜାତିମାନଙ୍କ କଳା, ସଂସ୍କୃତି, ପରମ୍ପରାକୁ ଉଜ୍ଜୀବିତ ରଖିବା ପାଇଁ ଅନେକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଥିବାବେଳେ କଳାକାରମାନଙ୍କୁ ବାଦ୍ୟଯନ୍ତ୍ର ବଣ୍ଟନ କରାଯାଇଛି ଏବଂ ଯୁବକଯୁବତୀଙ୍କ ଭିତରେ ଲୁଚି ରହିଥିବା କ୍ରୀଡ଼ା ପ୍ରତିଭାକୁ ଲୋକଲୋଚନକୁ ଆଣିବା ପାଇଁ କ୍ରୀଡ଼ା ଉତ୍ସବର ବ୍ୟବସ୍ଥା କରାଯାଇଥିବା ନେଇ ଜିଲ୍ଲା ଏସଡିସି ଅଧ୍ୟକ୍ଷା ଶ୍ରୀମତୀ ମାଝି ପ୍ରକାଶ କରିଥିଲେ । ଜିଲ୍ଲାର ବିଭିନ୍ନ ଜନଜାତି ସାଂସ୍କୃତିକ ଦଳ ପକ୍ଷରୁ ଲୋକନୃତ୍ୟ, ସଂଗୀତ ପରିବେଷଣ କରାଯାଇଥିଲା । କଳାକାରମାନଙ୍କୁ ଅତିଥିମାନଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲାବେଳେ ଏସଡିସି ସଭ୍ୟସଭ୍ୟାଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା ।

# ଆଦର୍ଶ ବିଦ୍ୟାଳୟର ରାତି ଜଗୁଆଳିଙ୍କ ଆତ୍ମହତ୍ୟା

**ପଡିଆ,୩।୨(ସମିସ):** ମାଲକାନଗିରି ଜିଲ୍ଲା ପଡ଼ିଆ ବ୍ଲକ ଆଦର୍ଶ ବିଦ୍ୟାଳୟରେ ରାତି ଜଗୁଆଳି ଭାବେ କାର୍ଯ୍ୟକରୁଥିବା ଜଣେ ବ୍ୟକ୍ତି ବିଦ୍ୟାଳୟର କମନରୁମ୍ ଭିତରେ ଆତ୍ମହତ୍ୟା କରିଛନ୍ତି । ମୃତକ ହେଉଛନ୍ତି ପଡ଼ିଆ ସଦର ଗ୍ରାମର କୋରାପୁ ରାମାୟାଙ୍କ ପୁତ୍ର କୋରାପୁ ରଙ୍ଗା ବାବୁ (୪୦) । ସୂଚନାନୁଯାୟୀ, ବିଦ୍ୟାଳୟ ଖୋଲା ଯିବାର କିଛି ସମୟ ପୂର୍ବରୁ ଶିକ୍ଷକମାନେ କମନରୁମ୍ ଖୋଲିଥିଲେ କିନ୍ତୁ ଭିତରୁ ବନ୍ଦ ଥିବା ଦେଖି ଯୁବକ ଜଣଙ୍କୁ ଡାକିଥିଲେ କିନ୍ତୁ ସେ ପ୍ରତିଉତ୍ତର ଦେଇ ନ ଥିଲେ । ପରେ ଝରକା ମଧ୍ୟରେ ତାଙ୍କୁ ଝୁଲନ୍ତା ଅବସ୍ଥାରେ ଦେଖି ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଥାନାକୁ ଖବର କରାଯାଇଥିଲା । ପୁଲିସ ଘଟଣାସ୍ଥଳରେ ପହଞ୍ଚି ଥିବାବେଳେ ମୋଟୁ ତହସିଲଦାର ମଧୁସୂଧନ ମାଝୀଙ୍କ ଉପସ୍ଥିତିରେ କବାଟ ଭାଙ୍ଗି ରଙ୍ଗାଙ୍କ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ କାଲିମେଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲା । ଏନେଇ ଥାନା ଏଏସଆଇ ଏସଏସ ପୁଝାରୀ ଏହାର ତଦନ୍ତ କରୁଥିବା ଥାନା ପକ୍ଷରୁ ଜଣାଯାଇଛି । ମୃତ ଯୁବକଙ୍କୁ ଶୌଚାଳୟ ସଫା କରିବା ପାଇଁ ବାଧ୍ୟ କରାଯାଉଥିଲା ବୋଲି ଯୁବକଙ୍କ ସମ୍ପର୍କୀୟ ଗଣମାଧ୍ୟମ ଆଗରେ ମୁହଁ ଖୋଲିଛନ୍ତି । ତଦନ୍ତ ପରେ ଏହାର ପ୍ରକୃତ କାରଣ ଜଣାପଡ଼ିବ ବୋଲି ପୁଲିସ ପକ୍ଷରୁ ସୂଚନା ମିଳିଛି ।

# କେନ୍ଦ୍ରୀୟ ବିଦ୍ୟାଳୟରେ କ୍ଲଷ୍ଟର୍‌ସ୍ତରୀୟ ମିନି ସାଂସ୍କୃତିକ ପ୍ରତିଯୋଗିତା

**ମାଲକାନଗିରି, ୩।୨(ସମିସ):** ମାଲକାନଗିରି ପିଏମଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟରେ କ୍ଲଷ୍ଟରସ୍ତରୀୟ ମିନି ସାଂସ୍କୃତିକ ପ୍ରତିଯୋଗିତା ଉଦଘାଟିତ ହୋଇଯାଇଛି । ମାଲକାନଗିରି ଅତିରିକ୍ତ ଜିଲ୍ଲାପାଳ ତ୍ରିନାଥ ମାଝି ଆନୁଷ୍ଠାନିକ ଭାବେ ଉଦଘାଟନ କରି ଏହାର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ ।



ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀର ଛାତ୍ରଛାତ୍ରୀଙ୍କ ମଧ୍ୟରେ ଏକକ ସଙ୍ଗୀତ, ନୃତ୍ୟ, ଇଂରାଜୀ କବିତା, ବାଦ୍ୟଯନ୍ତ୍ର, ଅଭିନୟ, ଗ୍ରାମୀଣ କ୍ରୀଡ଼ା, ଚିତ୍ରାଙ୍କନ, ଝୋଟି, ବକ୍ତୃତା, ସମୂହନୃତ୍ୟ ଓ ଗୀତ ପ୍ରତିଯୋଗିତା ଆୟୋଜିତ ହୋଇଥିଲା । କୃତୀ ପ୍ରତିଯୋଗୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । ଏଥିରେ ନବରଙ୍ଗପୁର ପିଏମଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟର ୪୨ ଜଣ ଛାତ୍ରଛାତ୍ରୀ, ସୁନାବେଡ଼ା ପିଏମଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟର ୪୩ ଜଣ ଓ ମାଲକାନଗିର ପିଏମଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟର ୪୪ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ । ଏହି ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀ ଆଞ୍ଚଳିକସ୍ତରୀୟ ସାଂସ୍କୃତିକ ସମାଗମରେ ଅଂଶଗ୍ରହଣ କରିବେ ।

## ■ ବିଶ୍ୱ ଖାଦ୍ୟ ସଂଗଠନର ଭାରତ ନିର୍ଦ୍ଦେଶକା ଏଲିଜାବେଥ ଫଉରେଙ୍କ ନିୟମଗିରି ପରିଦର୍ଶନ

# ନିୟମଗିରିର ବିକାଶକୁ ନେଇ ଖୁସି ପ୍ରକଟ



ବିଷମକଟକ,୩।୨(ସମିସ): ବିଶ୍ୱ ଖାଦ୍ୟ ସଂଗଠନର ଭାରତ ନିର୍ଦ୍ଦେଶକା ଏଲିଜାବେଥ ଫଉରେ ରାୟଗଡ଼ା ଜିଲ୍ଲା ବିଷମକଟକ ବ୍ଲକ୍ ଅନ୍ତର୍ଗତ ନିୟମଗିରି କୁର୍ଲ୍ଲୀ ଓ ଛାଟିକଣା ପଞ୍ଚାୟତରେ ରହିଥିବା ସ୍ୱତନ୍ତ୍ର ଡଙ୍ଗରିଆ କନ୍ଧ ଉନ୍ନୟନ ସଂସ୍ଥା ଓ ଓଡ଼ିଶା ଆଦିମ ଜନଜାତି ସଶକ୍ତୀକରଣ ଓ ଜୀବିକା ଉନ୍ନତିକରଣ ସଂସ୍ଥା ପକ୍ଷରୁ ନିୟମଗିରିରେ ହୋଇଥିବା ବିକାଶମୂଳକ କାର୍ଯ୍ୟକୁ ନେଇ ପରିଦର୍ଶନ କରିଛନ୍ତି । ବିଶ୍ୱ ଖାଦ୍ୟ ସଂଗଠନର ଭାରତ ନିର୍ଦ୍ଦେଶକା ଏଲିଜାବେଥ ଫଉରେଙ୍କ ସମେତ ଏକ ଟିମ୍ ନିୟମଗିରି ଗସ୍ତ କରିଥିଲେ । ଏହି ଗସ୍ତ ସମୟରେ ନିୟମଗିରି ପାହାଡ଼ରେ ବସବାସ କରୁଥିବା ବିରଳ ଜନଜାତି ଡଙ୍ଗରିଆଙ୍କ ପରମ୍ପରା ସେମାନଙ୍କ ଚାଲିଚଳନ ଓ ସେମାନଙ୍କ ପରମ୍ପରା ଖାଦ୍ୟକୁ ନେଇ ସେମାନଙ୍କ ସହ ଆଲୋଚନା କରିଥିଲେ । ସେହିପରି ସେମାନଙ୍କ ଶିକ୍ଷା, ସ୍ୱାସ୍ଥ୍ୟ ଓ ଗମନାଗମନ ସୁବିଧା ଉପରେ ମଧ୍ୟ ଡଙ୍ଗରିଆଙ୍କ ସହ ଆଲୋଚନା କରିଥିଲେ । ଏହା ସହ ସ୍ୱତନ୍ତ୍ର ଡଙ୍ଗରିଆ ଉନ୍ନୟନ ସଂସ୍ଥା ଓ ଓଡ଼ିଶା ଆଦିମ ଜନଜାତି ସଶକ୍ତୀକରଣ ଓ ଜୀବିକା ଉନ୍ନତିକରଣ ସଂସ୍ଥା ଦ୍ୱାରା ହୋଇଥିବା ଯୋଜନାରେ ବିରଳ ଜନଜାତି କେତେ ଉପକୃତ ହେଉଛନ୍ତି ସେ ନେଇ ଡଙ୍ଗରିଆ ମହିଳା ଓ ପୁରୁଷଙ୍କୁ ପଚାରି ବୁଝିଥିଲେ । ଏହି ଟିମ୍ ନିୟମଗିରି ଅଞ୍ଚଳରେ ଓପିଲିପି ସଂସ୍ଥାର ବିଭିନ୍ନ ଜୀବନଜୀବିକା କାର୍ଯ୍ୟକ୍ରମ ଦେଖିଥିଲେ । ଏଥିମଧ୍ୟରେ ନିୟମଗିରି ଅଞ୍ଚଳର ଛେଳି ଚାଷ, କୁକୁଡ଼ା ଚାଷ, ସପୁରୀ ବାଡ଼ ଓ ଶିଶୁ ଗୃହ ବୁଲି ଦେଖିଥିଲେ । ସେହିପରି କୁର୍ଲ୍ଲୀ ସଦର ପଞ୍ଚାୟତର ଯୁବ ଡଙ୍ଗରିଆ ଚାଷୀ ଲାକୁନୁ ଜାକାଶିକା ପାହାଡ଼ ଉପରେ ଚାଷ କରିଥିବା ଷ୍ଟ୍ରବେରୀ ବାଡ଼ ବୁଲି ଦେଖିଥିଲେ । ଷ୍ଟ୍ରବେରୀ ବାଡ଼ରେ ଫଳ ଦେଖି ସେ ଅତ୍ୟନ୍ତ ଖୁସି ବ୍ୟକ୍ତ କରିବା ସହ ଷ୍ଟ୍ରବେରୀ ମଧ୍ୟ ଖାଇଥିଲେ । ଗତ ସପ୍ତାହରେ ବିଶ୍ୱ ଖାଦ୍ୟ ସଂଗଠନର ଭାରତ ନିର୍ଦ୍ଦେଶକା ଭୁବନେଶ୍ୱର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହ ସାକ୍ଷାତ କରି ନିୟମଗିରି ଜାନଜାତିଙ୍କ ବିଷୟରେ ଆଲଚନା କରିଥିଲେ । ପରେ ନିୟମଗିରି ଗସ୍ତ କରି ବିଭିନ୍ନ ଯୋଜନା ଦେଖିବା ସହ ଡଙ୍ଗରିଆମାନଙ୍କୁ ଆଉ କଣ ଆବଶ୍ୟକ ରହିଛି ସେ ନେଇ ଅନୁଧ୍ୟାନ କରି ଫେରିଛନ୍ତି । ବିଶ୍ୱ ଖାଦ୍ୟ ସଂଗଠନର ଭାରତ ନିର୍ଦ୍ଦେଶକା ଏଲିଜାବେଥ ଫଉରେଙ୍କ ଗସ୍ତ ସମୟରେ ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମର ଓଡ଼ିଶା ପ୍ରତିନିଧି ହିମାଂଶୁ ଭଲ, ଚାଟିକଣାର ସ୍ୱତନ୍ତ୍ର ଡଙ୍ଗରିଆ ଉନ୍ନୟନ ସଂସ୍ଥାର ଅଧିକାରୀ ଜଗତ ଜୀବନ ବର୍ଗତ ଏବଂ ଓଡ଼ିଶା ଆଦୀମ ଜନଜାତି ସଶକ୍ତୀକରଣ ଓ ଜୀବିକା ଉନ୍ନତିକରଣ ସଂସ୍ଥାର ପ୍ରକଳ୍ପ ପରିଚାଳକ ସୁଦର୍ଶନ ପାଢ଼ୀ ଉପସ୍ଥିତ ଥିଲେ ।

# ପ୍ରାଣୀ ଚିକିତ୍ସକଙ୍କ ସମୂହ ଛୁଟି ସତ୍ତ୍ୱେ ଚିକିତ୍ସା ସେବା ଅବ୍ୟାହତ

**ରାମନାଗୁଡ଼ା,୩।୨(ସମିସ):** ରାଜ୍ୟରେ ପ୍ରାଣୀ ଚିକିତ୍ସକମାନେ ବିଭିନ୍ନ ଦାବି ନେଇ ଜାନୁଆରୀ ୧୮ ତାରିଖରୁ ସମୂହ ଛୁଟିରେ ଆନ୍ଦୋଳନ ଜାରି ରଖିଥିବାବେଳେ ରାୟଗଡ଼ା ଜିଲ୍ଲା ରାମନାଗୁଡ଼ା ବ୍ଲକ୍ ଅଧୀନ ବିଭିନ୍ନ ଗ୍ରାମାଞ୍ଚଳରେ ପ୍ରାଣୀ ସେବା ଅବ୍ୟାହତ ଅଛି । ଜିଲ୍ଲା ପ୍ରାଣୀ ଚିକିତ୍ସା ଅଧିକାରୀଙ୍କ ନିର୍ଦ୍ଦେଶ ପ୍ରକାରେ ରାୟଗଡ଼ା ଜିଲ୍ଲା ରାମନାଗୁଡ଼ା ବ୍ଲକ ଅଧୀନରେ କାର୍ଯ୍ୟରତ ଏଲଆଇ ଓ ଭିଟିମାନେ ପଞ୍ଚାୟତରୁ ଆରମ୍ଭ କରି ଗ୍ରାମାଞ୍ଚଳରେ ନିରବଚ୍ଛିନ୍ନ ଭାବେ ସେବା ଯୋଗାଇ ଆସୁଥିବାରୁ ଗାଈ,ଗୋରୁ, ମେଣ୍ଢା ଓ ଛେଳି ଆଦି ପଶୁପାଳକମାନେ ସନ୍ତୋଷବ୍ୟକ୍ତ କରିଛନ୍ତି । ରାମନାଗୁଡ଼ା ବ୍ଲକର ଏଲଆଇ ଓ ଭିଟିଙ୍କ କାର୍ଯ୍ୟକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଉଛି । ଚାଷୀମାନେ ଜାଣିଛନ୍ତି ଖରା,ବର୍ଷା ଓ ଶୀତ ଋତୁରେ ଏଲଆଇ ଓ ଭିଟିମାନେ ହିଁ ଜରୁରୀକାଳୀନ ସେବା କାର୍ଯ୍ୟରେ ସହଯୋଗ କରୁଛନ୍ତି ।

# ଜାମୁରଣ୍ଡା ଏସ୍‌ଏସ୍‌ଡି ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ଉମରକୋଟ,୩।୨(ସମିସ):** ଉମରକୋଟ ବ୍ଲକ୍ ଅନ୍ତର୍ଗତ ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗ ଜାମୁରଣ୍ଡା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଅସିମ ହାଲଦାର ଏବଂ ଅନୁଶ୍ରୀ ଗୋଲଦାର ମଞ୍ଚ ପରିଚାଳନା କରିଥିବାବେଳେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ସରକାରଙ୍କ ଉଠା ଜଳସେଚନ ନିଗମର ଉପଦେଷ୍ଟା ପ୍ରମୋଦ କୁମାର ପାଢ଼ୀ, ମୁଖ୍ୟବକ୍ତା ରୂପେ ଉମରକୋଟ ଗୋଷ୍ଠୀ ଶିକ୍ଷା ଅଧିକାରୀ ବିକାଶ ଚନ୍ଦ୍ର ସରକାର, ସମ୍ମାନିତ ଅତିଥି ଭାବେ ବିଜୁ କେବିକେ ଉପଦେଷ୍ଟା ସୁକଦେବ ଗଣ୍ଡ, ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ଭରତ ଚନ୍ଦ୍ର ସାହୁ ଏବଂ ସୁଶ୍ରୀ ନିବେଦିତା ବିଶ୍ୱାଳ, ଉମରକୋଟ ବ୍ଲକ୍ ସମ୍ପ୍ରସାରଣ ଅଧିକାରୀ ବିଧୁଭୂଷଣ ବେହେରା, ସମିତିସଭ୍ୟ ରାମ ସିଂ ପୂଜାରୀ, ଜାମୁରଣ୍ଡା ସରପଞ୍ଚ ଜଗଦୀଶ ଗଣ୍ଡ ଓ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ତୃପ୍ତି ଗାଇନ ଉପସ୍ଥିତ ଥିଲେ । ଜାମୁରଣ୍ଡା ଏସ୍‌ଏସଡି ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଆହ୍ଲାଦିନୀ ପଟ୍ଟନାୟକ ବିଦ୍ୟାଳୟର ବାର୍ଷିକ ବିବରଣୀ ଉପସ୍ଥାପନ କରିଥିଲେ । ଉପସ୍ଥିତ ଅତିଥିମାନେ ବିଦ୍ୟାଳୟର ବାଳିକାମାନଙ୍କୁ ଭଲଭାବରେ ପାଠପଢ଼ି କିପରି ସେମାନେ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ ଗଠନ କରିପାରିବେ ତାହା ଆଲୋକପାତ କରିଥିଲେ । ତତ୍ ସହିତ ଅତିଥିମାନେ ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀମାନଙ୍କୁ ଟ୍ରଫି ଓ ମାନପତ୍ର ପ୍ରଦାନ କରିଥିଲେ । ଶେଷରେ ବିଦ୍ୟାଳୟର ଛାତ୍ରଛାତ୍ରୀ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ଶିକ୍ଷକ ସରୋଜ ପାଣି, ପ୍ରମୋଦ କୁମାର ମାଝୀ, ବିଶ୍ୱଜିତ ମିସ୍ତ୍ରୀ, ପ୍ରତାପ ଭକ୍ତ, ଯୋଗେନ୍ଦ୍ର ନାୟକ, ପୁଷ୍ପା ଚାଲାନ, ଲିଲିମା ସରକାର, ରୀତା ସରକାର, ଏମ୍. ଲକ୍ଷ୍ମୀକାନ୍ତା, ସୁମିତା ନାୟକ, ତରୁବାଳା ମାଝି, ବିଦ୍ୟାଳୟର ଅନ୍ୟାନ୍ୟ କର୍ମଚାରୀ ଏବଂ ସମସ୍ତ ଛାତ୍ରୀ ସହଯୋଗ କରିଥିଲେ । ପ୍ରଧାନଶିକ୍ଷୟିତ୍ରୀ ଆହ୍ଲାଦିନୀ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।



# 'ଆମ ଓଡ଼ିଶା-ନବୀନ ଓଡ଼ିଶା' କାର୍ଯ୍ୟକ୍ରମ

**ମାଥିଲି,୩।୨ (ସମିସ):** ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ ଅନ୍ତର୍ଗତ ମେଟ୍ଟା ପଞ୍ଚାୟତରେ 'ଆମ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ସରପଞ୍ଚ ରଞ୍ଜିତା ପୂଜାରୀଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ମାଥିଲି ବ୍ଲକ ଜିଲ୍ଲା ପରିଷଦ ଜୋନ୍ ୧ ସଭ୍ୟା ତଥା ମାଲକାନଗିରି ଜିଲ୍ଲା ବିଜୁ ଜନତା ଦଳର ମହିଳା ସଭାନେତ୍ରୀ ଲକ୍ଷ୍ମୀପ୍ରିୟା ନାୟକ ଯୋଗଦେଇଥିଲେ । ମୁଖ୍ୟବକ୍ତା ଭାବରେ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସରୋଜ କୁମାର ପ୍ରଧାନ, ସାମାଜିକ ସୁରକ୍ଷା ଅଧିକାରୀ ସଞ୍ଜୟ କୁମାର ସାମଲ, ମିଶନ ଶକ୍ତି ବିପିଏମ ବିନୀତ ଖୁରା, ଆଇସିଡିଏସ ସୁପରଭାଇଜର ବୃନ୍ଦାବତୀ ହରିଜନ, ମହିଳା ସ୍ୱାସ୍ଥ୍ୟକର୍ମୀ, ଭିଏଡବ୍ଲୁ ଶ୍ୟାମସୁନ୍ଦର ପାଣିଗ୍ରାହୀ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ କେଶବଚନ୍ଦ୍ର ଖରା, ସମିତିସଭ୍ୟା ମୁକ୍ତା ପୂଜାରୀ, ନାଏବ ସରପଞ୍ଚ ପଦ୍ମିନୀ ଦାସା ଏବଂ ସମସ୍ତ ୱାର୍ଡମେମ୍ବର ସଭ୍ୟସଭ୍ୟା, ପଞ୍ଚାୟତ ବିଦ୍ୟୁତ ବିଭାଗୀୟ କର୍ମଚାରୀ, ଗ୍ରାମ ରୋଜଗାର ସେବକ ବସନ୍ତ କୁମାର ମାଦଳା, ଯୋଗାଣ ସହାୟକ, ସମସ୍ତ ଗାଁ ସାଥି, ଆଶା କର୍ମୀ, ଅଙ୍ଗନବାଡ଼ି କର୍ମୀ ଓ ସମସ୍ତ ସିଆରପି ଯୋଗଦେଇ ରାଜ୍ୟ ସରକାରଙ୍କ ଜନ କଲ୍ୟାଣ ଯୋଜନା ଉପରେ ଆଲୋକପାତ କରିଥିଲେ । ରାଜ୍ୟ ସରକାରଙ୍କ 'ଆମ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମରେ ପଞ୍ଚାୟତର ଶହଶହ ଜନସାଧାରଣ ଯୋଗଦେଇଥିଲେ ।

# ମା' ପେଣ୍ଡ୍ରାଣୀ କଲ୍ୟାଣ ମଣ୍ଡପ ଉଦ୍‌ଘାଟିତ

**ଉମରକୋଟ,୩।୨(ସମିସ):** ଉମରକୋଟ ରାମମନ୍ଦିର ନିକଟସ୍ଥ ପରିତ୍ୟକ୍ତ ଅବସ୍ଥାରେ ପଡ଼ିରହିଥିବା ମା' ପେଣ୍ଡ୍ରାଣୀ କଲ୍ୟାଣ ମଣ୍ଡପକୁ ରୂପାନ୍ତରିତ କରାଯାଇଛି । ମୁଖ୍ୟ ଅତିଥି ଭାବେ ଉମରକୋଟ ବିଧାୟକ ନିତ୍ୟାନନ୍ଦ ଗଣ୍ଡ ଯୋଗଦେଇ ଏହାକୁ ଶନିବାର ଉଦଘାଟନ କରିଥିଲେ । ଏହି ମା' ପେଣ୍ଡ୍ରାଣୀ କଲ୍ୟାଣ ମଣ୍ଡପକୁ ୪୪ ଲକ୍ଷ ଟଙ୍କା ବ୍ୟୟରେ ରୂପାନ୍ତରିତ କରାଯାଇଛି ।



ଏହି କାର୍ଯ୍ୟକ୍ରମରେ ପୌର ପରିଷଦ ଅଧ୍ୟକ୍ଷା ରାଧା ଭତ୍ରା, ପୌର ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ପୁରୁଷୋତ୍ତମ ବେନିଆ, କାଉନସିଲର ତପନ ଦେବନାଥ, ସହକାରୀ ଯନ୍ତ୍ରୀ ମନୋଜ ପାତ୍ର, କନିଷ୍ଠ ଯନ୍ତ୍ରୀ ହିମାଂଶୁ ଭୂଷଣ ମହାନ୍ତି, ଇଷ୍ଟର ରାଣୀ ପଟ୍ଟନାୟକ, ପ୍ରଭାତ ନାୟକ, ସଂଯୁକ୍ତା ପଟ୍ଟନାୟକ, ରଶ୍ମି ସାନ୍ତ୍ରା ପ୍ରମୁଖ ଉପସ୍ଥିତ ଥିଲେ । ୫ ନମ୍ବର ୱାର୍ଡର ବହୁ ମହିଳା ଓ ପୌର ପରିଷଦ କାର୍ଯ୍ୟାଳୟର କର୍ମଚାରୀ ଉପସ୍ଥିତ ଥିଲେ ।

## କେନ୍ଦୁଗୁଡ଼ା ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ

# ଲୁକ୍କାୟିତ ପ୍ରତିଭାକୁ ଲୋକଲୋଚନକୁ ଆଣିବା ପାଇଁ ପ୍ରୟାସ

ରାମନାଗୁଡ଼ା,୩।୨(ସମିସ)



ରାୟଗଡ଼ା ଜିଲ୍ଲା ରାମନାଗୁଡ଼ା ବ୍ଲକ୍ ଅନ୍ତର୍ଗତ କେନ୍ଦୁଗୁଡ଼ା ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ 'ପ୍ରତିଭା' ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟଅତିଥି ରୂପେ ସମନ୍ୱିତ ଜନଜାତି ଉନ୍ନୟନ ସଂସ୍ଥା କାର୍ଯ୍ୟାଳୟ ତଥା ସହକାରୀ ଜିଲ୍ଲା ମଙ୍ଗଳ ଅଧିକାରୀ ପ୍ରଦ୍ୟୁମ୍ନ କୁମାର ଦଳାଇ, ମୁଖ୍ୟବକ୍ତା ରୂପେ ଶ୍ୟାମଘନ ଭୂୟାଁ ଜିଲ୍ଲା ଶିକ୍ଷା ନିରୀକ୍ଷକ ଯୋଗଦେଇଥିଲେ । ସମ୍ମାନିତ ଅତିଥି ରୂପେ ସୁରଜ ନାୟକ ଏସ୍ ସହକାରୀ ଜିଲ୍ଲା ମଙ୍ଗଳ ଅଧିକାରୀ ଉପ ଜିଲ୍ଲାପାଳ କାର୍ଯ୍ୟାଳୟ, ଗୁଣପୁର, ସୃଜନ ମଲିକ ଗୋଷ୍ଠୀ ଶିକ୍ଷା ଅଧିକାରୀ ରାମନାଗୁଡ଼ା, ଆମନ୍ତ୍ରିତ ଅତିଥି ରୂପେ ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ଦାମୋଦର କୈବର୍ତ୍ତ, ଆଞ୍ଚଳିକ ସାଧନ ସଂଯୋଜକ ଭୈରବ ପ୍ରସାଦ ରଥ,ବିଦ୍ୟାଳୟ ପରିଚାଳନା କମିଟି ସଭାପତି ରାମନାଥ ଶବର, କାର୍ଯ୍ୟକ୍ରମ ସଭାପତି ରୂପେ ବାସୁଦେବ ତ୍ରିପାଠୀ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ, ଆବାହକ ରୂପେ ଦିଲୀପ କୁମାର ଚୌଧୁରୀ ଓ ପ୍ରଧାନଶିକ୍ଷକ ମଞ୍ଚାସୀନ ଥିଲେ । ମଞ୍ଚରେ ବରିଷ୍ଠ ସାମ୍ବାଦିକ ଶିବପ୍ରସାଦ ବ୍ରହ୍ମା, ଶୁଭଜିତ ପଟ୍ଟନାୟକ ଓ ରାକେଶ ବେହେରା ଉପସ୍ଥିତ ଥିଲେ । ଶିକ୍ଷାବିତ୍ ବାଳକୃଷ୍ଣ ଶବର, ଗ୍ରାମବାସୀ ଇଲାମାଝୀ କ୍ରିଷ୍ଣା, ସିଲା ସନ୍ତୋଷ, କରମା ଶବର, ମାଝୀ ଶବର, କମଳ କୈବର୍ତ୍ତ, ଟୁନା ଶବର ଏବଂ ସମସ୍ତ ଅଭିଭାବକ, ରାମନାଗୁଡ଼ା ଅଧୀନସ୍ଥ ମଙ୍ଗଳ ବିଭାଗର ପ୍ରଧାନଶିକ୍ଷକ ଓ ଶିକ୍ଷୟିତ୍ରୀମାନେ ଉପସ୍ଥିତ ଥିଲେ । ବାର୍ଷିକ ମହୋତ୍ସବରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସୀତାରାମ ପାଣିଗ୍ରାହୀ, ସ୍ଥାନୀୟ ଦୃଷ୍ଟିବାଧିତ କଣ୍ଠଶିଳ୍ପୀ ଲକ୍ଷ୍ମଣ ଶବର, ସନ୍ତୋଷ ବେହେରା, ବିଦ୍ୟାଳୟର ୫ଟି ସୁନାପୁଅ ଓ ୭ଟି ସୁନାଝିଅ, ବିଦ୍ୟାଳୟର ଶ୍ରେଷ୍ଠ ଛାତ୍ର, ଶ୍ରେଷ୍ଠ ଛାତ୍ରୀ, ବିଦ୍ୟାଳୟର ସ୍ୱେଚ୍ଛାସେବୀ ଶିକ୍ଷକ ଭକ୍ତଚରଣ ନିମାଲା, ସ୍ୱେଚ୍ଛାସେବୀ ଶିକ୍ଷୟିତ୍ରୀ କିରଉମା ଶବର, ପାଚକପାଚିକାମାନଙ୍କୁ ତଥା ସ୍ଥାନୀୟ ବିଶିଷ୍ଟ ବ୍ୟକ୍ତି ବିଶେଷମାନଙ୍କୁ ବିଦ୍ୟାଳୟ ତରଫରୁ ସମ୍ମାନିତ କରାଯାଇଥିଲା । ମଞ୍ଚାସୀନ ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ପ୍ରଦାନ କରାଯାଇଥିଲା । ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ପ୍ରମାଣପତ୍ର ଏବଂ ଟ୍ରଫି ପ୍ରଦାନ କରାଯାଇଥିଲା । ମୋହନ କେରମେରିକା, ସିଲା ଶ୍ରୀନିବାସ, ରବି କୁମାର, ସୁରେନ୍ଦ୍ର ନାଥ କୈବର୍ତ୍ତ ଓ ସୁଶାନ୍ତ ସାହୁ ସହଯୋଗ କରିଥିଲେ । ବିଦ୍ୟାଳୟ ଶିକ୍ଷକ ଗଣେଶ ଶବର, କୁନି ଦାସ, ମଧୁମିତା ଗମାଙ୍ଗ, ସସ୍ମିତା ଶବର ଓ ରାଜେନ୍ଦ୍ର ବେହେରା ପରିଚାଳନା କରିଥିଲେ । ସାଂସ୍କୃତିକ କାର୍ଯ୍ୟକ୍ରମକୁ ତପନ କୁମାର ସୁନାମୁଦି ସଂଯୋଜନା କରିଥିଲେ । ସାଂସ୍କୃତିକ କାର୍ଯ୍ୟକ୍ରମରେ ବହୁ ସଂଖ୍ୟକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ । ଶେଷରେ ପ୍ରଧାନଶିକ୍ଷକ ଦିଲ୍ଲୀପ କୁମାର ଚୌଧୁରୀ ଧନ୍ୟବାଦ ପ୍ରଦାନ କରିଥିଲେ ।

# ବିଜେଡିର ପଞ୍ଚାୟତସ୍ତରୀୟ ପରିବାର ସମ୍ପର୍କ ଅଭିଯାନ

**କାକିରିଗୁମ୍ମା,୩।୨(ସମିସ):** କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ନିର୍ବାଚନମଣ୍ଡଳୀର ବିଜେଡି ପକ୍ଷରୁ ପ୍ରତି ପଞ୍ଚାୟତରେ ପରିବାର ସମ୍ପର୍କ ଅଭିଯାନ ଓ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଲକ୍ଷ୍ମୀପୁର ବ୍ଲକ୍ ଗୌଡ଼ଗୁଡ଼ା ପଞ୍ଚାୟତରେ ଏକ ବୈଠକ ଆୟୋଜନ ହୋଇଥିଲା । ଏହି କାର୍ଯ୍ୟକ୍ରମକୁ ବ୍ଲକ୍ କାର୍ଯ୍ୟକାରୀ ସଭାପତି ଡମ୍ବରୁଧର ମୁଦୁଲି ପରିଚାଳନା କରିଥିଲେ । କୋରାପୁଟ ଜିଲ୍ଲା ସଭାପତି ଝିନ୍ନ ହିକକା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆସନ୍ତା ସାଧାରଣ ନିର୍ବାଚନ ପାଇଁ ତୃଣମୂଳସ୍ତରରେ ସଂଗଠନକୁ ସୁଦୃଢ଼ କରିବା ଉପରେ ଆଲୋଚନା ହୋଇଥିଲା । ୧୩ ନମ୍ବର ୱାର୍ଡର ପ୍ରତ୍ୟେକ ଘରେ ଘରେ ପହଞ୍ଚି ପରିବାର ଲୋକଙ୍କ ସମସ୍ୟା ପଚାରି ବୁଝିବା ଓ ରାଜ୍ୟ ସରକାରଙ୍କ ସଫଳତା ସମ୍ପର୍କରେ ଲୋକମାନଙ୍କୁ ଅବଗତ କରାଇବା ସହ ସେମାନଙ୍କ ଭଲ ମନ୍ଦ ବୁଝିବା ଏବଂ ସହଯୋଗ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା । ଆଗାମୀ ନିର୍ବାଚନ ପୂର୍ବରୁ ମତଦାତାଙ୍କ ପାଖରେ ପହଞ୍ଚିବାକୁ ଲକ୍ଷ୍ୟ ରଖି ଏହି ଜନସମ୍ପର୍କ ଯାତ୍ରା ଆରମ୍ଭ ହୋଇଛି । ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ ମାଧ୍ୟମରେ ରାଜ୍ୟ ସରକାରଙ୍କ ବିଭିନ୍ନ ଜନହିତକର ପଦକ୍ଷେପ ଓ ଐତିହାସିକ ଯୋଜନାଗୁଡ଼ିକ ବିଷୟରେ ଦଳୀୟ ନେତା ଓ କର୍ମୀଙ୍କୁ ଅବଗତ କରାଯାଇଥିଲା । ଏହି ବୈଠକରେ ଲକ୍ଷ୍ମୀପୁର ବିଧାୟକ ପ୍ରଭୁ ଜାନୀ, ପୂର୍ବତନ ବିଧାୟକ କୈଳାସ କୁଲେସିକା, ପର୍ଯ୍ୟବେକ୍ଷକ ସୁନୀଲ ମହାନ୍ତି, ୧ ନମ୍ବର ଜୋନ୍ କୋଅର୍ଡିନେଟର ପ୍ରଦ୍ୟୁମ୍ନ ଜାନୀ, ସାଂସଦ ପ୍ରାର୍ଥିନୀ କୈଶଲ୍ୟା ହିକକା, ସମାଜସେବୀ ଶଙ୍କର ସାଉଁନ୍ତା, ପଞ୍ଚାୟତ ସଭାପତି ସାରଥୀ ଜାନୀ, ବିଜୁ ପ୍ରେମୀ କର୍ମକର୍ତ୍ତାମାନେ ଯୋଗଦେଇଥିଲେ । ଲକ୍ଷ୍ମୀପୁର ବ୍ଲକ୍ ଅନ୍ତର୍ଗତ ଭିତରଗଡ଼ ପଞ୍ଚାୟତର ଡାଳଖାଇ ମନ୍ଦିର ପରିସରରେ ବୈଠକ ଅନୁଷ୍ଠିତ ହୋଇଥିଲା । ପଞ୍ଚାୟତର ପ୍ରତି ୱାର୍ଡର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ । ପଞ୍ଚାୟତ ସଭାପତି ନିର୍ମଳ ଖରାଙ୍କ ସହିତ ଅନେକ ବିଜୁ ପ୍ରେମୀମାନେ ଉପସ୍ଥିତ ଥିଲେ ।

# ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଓ ବ୍ୟକ୍ତି ବିଶେଷଙ୍କୁ ସମ୍ମାନିତ








**ମାଲକାନଗିରି,୩।୨ (ସମିସ):** ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ୨୦୨୪ ଭୁବନେଶ୍ୱରଠାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଶୁଭ ଉଦ୍‌ଘାଟନ କରାଯାଇଛି। ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଉଦ୍‌ଘାଟିତ ହେବା ପରେ ଅନୁରୂପ ଭାବେ ମାଲକାନଗିରି ଜିଲ୍ଲାର ସମସ୍ତ ବ୍ଲକ୍, ପୌରପାଳିକା, ଶିକ୍ଷାନୁଷ୍ଠାନ ମାନଙ୍କରେ ନିଜନିଜ ମାତୃଭାଷାର ସମ୍ମାନ ଓ ଗୌରବ ପାଇଁ ଏହି ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ମାଲକାନଗିରି ସଦର ବ୍ଲକ ପରିସରରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରଭାତୀ ଝୋଡ଼ିଆଙ୍କ ଅଧକ୍ଷତାରେ ମହାଆଡ଼ମ୍ବର ସହକାରେ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଜିଲ୍ଲା ପରିଷଦ ଅଧକ୍ଷା ସମାରୀ ତାଙ୍ଗୁଲ, ସମ୍ମାନିତ ଅତିଥି ଭାବରେ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ରତ୍ନାକର ସାହୁ, ବ୍ଲକ ଅଧକ୍ଷା ଗୌରୀ ପଡ଼ିଆମି ଉପସ୍ଥିତ ଥିଲେ। ମଞ୍ଚାସିନ ଅତିଥିମାନେ ପ୍ରଭୁ ଶ୍ରୀ ଜଗନ୍ନାଥ ଓ ସହିଦ ଲକ୍ଷ୍ମଣ ନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଉଦଘାଟନ କରିଥିଲେ। ମଞ୍ଚରେ ବୃହତ ଏଲଇଡି ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଉଦଘାଟନର ସିଧାପ୍ରସାରଣ କରାଯାଇଥିଲା। ଏହି ଅବସରରେ ଜିଲ୍ଲାର ସାହିତ୍ୟିକ, ଲେଖକ, କବି ଓ ଗବେଷକଙ୍କୁ ଅତିଥିଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲା। ସାହିତ୍ୟକ, ଗବେଷକ ଓ ଲେଖକ ଭାବେ ରତ୍ନାକର ଦାଶ, ଶିକ୍ଷାବିତ ଓ ଲେଖକ ଭାବେ ପ୍ରକାଶଚନ୍ଦ୍ର ପଟ୍ଟନାୟକ, କେଶବ ଚନ୍ଦ୍ର ନାୟକ, ମନୋଜ କୁମାର ସାହୁ, ଭାରତୀ ଦେବୀ, ଭଗବାନ ହନ୍ତାଳ, ସଂଯୁକ୍ତା ନାୟକ, ରଞ୍ଜିତା ଦାସ, ସୁରମା ମହାରଥୀ, ପୁଷ୍ପା ରାଣୀ କବାସିଙ୍କୁ ଉପଢ଼ୌକନ ଓ ମାନପତ୍ର ପ୍ରଦାନ କରି ସମ୍ମାନିତ କରାଯାଇଥିଲା। ଏହି ଅବସରରେ କବିମାନେ ନିଜର ସ୍ୱରଚିତ କବିତା ପାଠ କରିଥିଲେ ଏବଂ ଓଡ଼ିଆ ପୁସ୍ତକ ପ୍ରଦର୍ଶନୀ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି ଅବସରରେ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା। ମଞ୍ଚ ପରିଚାଳନା ବିନାଶ ମିଶ୍ର କରିଥିବାବେଳେ କନିଷ୍ଠ ଯନ୍ତ୍ରୀ ସରୋଜ ସାମନ୍ତରାୟ , ପ୍ରତାପ ନାୟକ ଓ ବ୍ଲକର ସମସ୍ତ କର୍ମଚାରୀମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

**ରାମନାଗୁଡ଼ା:** ରାୟଗଡ଼ା ଜିଲ୍ଲା ରାମନାଗୁଡ଼ା ବ୍ଲକ ସ୍ଥାନୀୟ କଲ୍ୟାଣ ମଣ୍ଡପଠାରେ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ତହସିଲଦାର ନିର୍ମଳଚନ୍ଦ୍ର ସାହୁ, ଗ୍ରାମ ପଞ୍ଚାୟତ ଉନ୍ନୟନ ଅଧିକାରୀ ଗୋପାଳ ଚନ୍ଦ୍ର ମିଶ୍ର, ବିଶିଷ୍ଟ ସାହିତ୍ୟିକ ପ୍ରତାପ କୁମାର ରାୟ, ମୁଖ୍ୟବକ୍ତା ଭାବେ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୃଜନ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ। ଅଶ୍ୱିନୀ ତ୍ରିପାଠୀ ସ୍ୱାଗତ ଭାଷଣ ଦେବାସହ ମଞ୍ଚ ପରିଚାଳନା କରିଥିଲେ। ଏହାପରେ ଅତିଥିମାନଙ୍କ ଦ୍ୱାରା କାର୍ଯ୍ୟକ୍ରମ ପ୍ରାରମ୍ଭରେ ଉତ୍କଳର ବରପୁତ୍ରଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ଦୀପ ପ୍ରଜ୍ୱଳନ କରାଯାଇ ବନ୍ଦେ ଉତ୍କଳ ଜନନୀ ଗାନ କରାଯାଇଥିଲା। ଏହାପରେ ଆଭାସୀ ମାଧ୍ୟମରେ କାର୍ଯ୍ୟକ୍ରମ ସମ୍ବନ୍ଧରେ ଆଲୋଚନା ହୋଇଥିଲା। ଏଥିରେ ଅତିଥିମାନେ କିଭଳି ଆମ ଭାଷାର ଉନ୍ନତି ହୋଇପାରିବ ଏବଂ ଆମେ ସମସ୍ତେ ସଚେତନ ହେବାର ସମୟ ଆସିଛି ବୋଲି କହିଥିଲେ। ଏଥିରେ ୧୦ଜଣ ସାହିତ୍ୟିକ ପ୍ରତାପ ରାୟ, ସୃଜନ ମଲ୍ଲିକ, ରମେଶଚନ୍ଦ୍ର ମିଶ୍ର, ଦୁର୍ଗାପ୍ରସାଦ ଶତପଥୀ, ତ୍ରିଲୋଚନ ପ୍ରଧାନ, ଗାୟତ୍ରୀ ମିଶ୍ର, ବେବିରାଣୀ ନନ୍ଦ, ଅଶ୍ୱିନୀ ତ୍ରିପାଠୀ, ଗୋପାଳଚନ୍ଦ୍ର ମିଶ୍ର ଓ ପ୍ରସନ୍ନ ତ୍ରିପାଠୀଙ୍କୁ ମାନପତ୍ର ସହ ଉପଢ଼ୌକନ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ବ୍ଲକସ୍ତରୀୟ ବିଭିନ୍ନ ବିଦ୍ୟାଳୟରୁ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିବା ୧୨ଜଣ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। କାର୍ଯ୍ୟକ୍ରମ ପରିଶେଷରେ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ବାସୁଦେବ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ।

**ରାୟଗଡ଼ା:** ରାଜ୍ୟରେ ପ୍ରଥମ କରି ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଭୁବନେଶ୍ୱରଠାରେ ଉଦଘାଟିତ ହୋଇଥିବାବେଳେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆହ୍ୱାନକ୍ରମେ ସ୍ଥାନୀୟ ଜେକେ କାଗଜକଳର କର୍ମକର୍ତ୍ତାମାନଙ୍କ ଦ୍ୱାରା ଆଜି କାଗଜକଳ ପରିସରରେ ବନ୍ଦେ ଉତ୍କଳ ଜନନୀ ଗାନ କରାଯାଇଛି। ଉକ୍ତ ସମ୍ମିଳନୀରେ ଜେକେ କାଗଜକଳର କାର୍ଯ୍ୟନିର୍ବାହୀ ଅଧିକାରୀ ବିନୟ ଦ୍ୱିବେଦୀ ଉପସ୍ଥିତ ରହି ଓଡ଼ିଆ ଭାଷା ସାହିତ୍ୟ ଅସ୍ତିତ୍ୱ ତଥା 'ଭାଷା ହିଁ ଭବିଷ୍ୟତ' ଉପରେ ମତପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ କାଗଜକଳର ବହୁ କର୍ମକର୍ତ୍ତା ଯୋଗଦେଇଥିଲେ।

**ଉମରକୋଟ :** ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଦିବସ ନବରଙ୍ଗପୁର ଜିଲ୍ଲାରେ କାର୍ଯ୍ୟରତ ସ୍ୱେଚ୍ଛାସେବୀ ଅନୁଷ୍ଠାନ ହେଲ୍ପ ଲାଇନ ପକ୍ଷରୁ ପାଳିତ ହୋଇଛି। ଅନୁଷ୍ଠାନର ବରିଷ୍ଠ ଉପଦେଷ୍ଟା ତଥା ଓଡ଼ିଶା ଉଠା ଜଳସେଚନ ନିଗମର ଉପଦେଷ୍ଟା ପ୍ରମୋଦ କୁମାର ପାଢ଼ୀଙ୍କ ପରାମର୍ଶ କ୍ରମେ ହେଲ୍ପ ଲାଇନ ସଂସ୍ଥା ପକ୍ଷରୁ ମହାଆଡ଼ମ୍ବର ସହ ଏହା ପାଳନ ହୋଇଛି। ଏହି କାର୍ଯ୍ୟକ୍ରମରେ ହେଲ୍ପ ଲାଇନର ସଭାପତି କୃଷ୍ଣ ପ୍ରସାଦ ପଟ୍ଟନାୟକ ଅଧକ୍ଷତା କରିଥିବାବେଳେ ସଂସ୍ଥାର ନିର୍ଦ୍ଦେଶକ ଦୁର୍ଗା ପ୍ରସାଦ ମଲ୍ଲିକ, କ୍ରୀଡ଼ା ସଂଯୋଜକ ସଲିମ ରାଠୋର, ବରିଷ୍ଠ ସଭ୍ୟା କୁସୁମ ନାୟକ, ଗୌରୀ ନାୟକ, ଗୋବର୍ଦ୍ଧନ ଦାସଙ୍କ ସମେତ ସମସ୍ତ ଶିଶୁ ଉପସ୍ଥିତ ରହି ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ଗାନ କରିଥିଲେ। ଶେଷରେ ଓଡ଼ିଆ ଭାଷାର ପ୍ରଚାରପ୍ରସାର ପାଇଁ ସମସ୍ତେ ଉଦ୍ୟମ ଜାରି ରଖିବାକୁ ସ୍ୱେଚ୍ଛାସେବୀ ସଂସ୍ଥା ହେଲ୍ପ ଲାଇନର ନିର୍ଦ୍ଦେଶକ ଦୁର୍ଗା ପ୍ରସାଦ ମଲ୍ଲିକ ଆହ୍ୱାନ ଦେଇଥିଲେ।

**ପାପଡ଼ାହାଣ୍ଡି:** ଶନିବାର ପାପଡ଼ାହାଣ୍ଡି ବ୍ଲକରେ ବିଭିନ୍ନ ସରକାରୀ କାର୍ଯ୍ୟାଳୟ ଯଥା- ପାପଡ଼ାହାଣ୍ଡି ପଞ୍ଚାୟତ ସମିତି, ଥାନା, ସମସ୍ତ ପଞ୍ଚାୟତ କାର୍ଯ୍ୟାଳୟଠାରେ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ପାପଡ଼ାହାଣ୍ଡି ପଞ୍ଚାୟତ ସମିତି କାର୍ଯ୍ୟାଳୟଠାରେ ବିଡିଓ ଦୁର୍ଯ୍ୟୋଧନ ଭୋଇଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଅଧକ୍ଷା ହେମଲତା ମାଝୀ, ସମ୍ମାନିତ ଅତିଥି ଭାବେ ବ୍ଲକ୍ ଉପାଧକ୍ଷ ସୁଶାନ୍ତ ବେହେରା ଏବଂ ପାପଡ଼ାହାଣ୍ଡି ଅଞ୍ଚଳର ଓଡ଼ିଆ ଭାଷା ଲେଖକ ଏବଂ କବି ମଞ୍ଚାସୀନ ଥିଲେ। ଏହି ଅବସରରେ ପାପଡ଼ାହାଣ୍ଡି ପଞ୍ଚାୟତ ସମିତି ଅଞ୍ଚଳର ଲେଖକ ଏବଂ କବି ପୂର୍ଣ୍ଣ ଚନ୍ଦ୍ର ବିଡ଼ିକା, ନାରାୟଣ ଗୁରୁ, ମିତ୍ରଭାନୁ ଦାସ, ଈଶ୍ୱର ପଟ୍ଟନାୟକ, ଦିଲ୍ଲୀପ ସ୍ୱାଇଁ, ସୁକମୋନ ଦିଶାରୀ, କୈଳାଶ ଚନ୍ଦ୍ର ପାଣିଗ୍ରାହୀ, ପ୍ରଭାତ ବିଶ୍ୱାଳଙ୍କୁ ସମ୍ମାନିତ କରାଯାଇଥିଲା। ଏହି ସଭାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଭିଭାଷଣର ସିଧାପ୍ରସାରଣ ଦେଖାଯାଇଥିଲା। ଓଡ଼ିଆ ଭାଷାକୁ ବିଶ୍ୱ ଦରବାରରେ ପହଞ୍ଚାଇବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ପ୍ରୟାସକୁ ଅତିଥି ଏବଂ ଲେଖକମାନେ ଭୂୟସୀ ପ୍ରଶଂସା କରିଥିଲେ। ଶେଷରେ ଦଲେଇଗୁଡ଼ାର ସରକାରୀ ଆଶ୍ରମ ବିଦ୍ୟାଳୟର ଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା।

**ବିଷମ କଟକ :** ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଶନିବାର ବିଶ୍ୱ ପ୍ରଥମ ଓଡ଼ିଆ ଭାଷା ସମ୍ମିଳନୀ ଉଦଘାଟନ ଅବସରରେ ବିଷମ କଟକ ବ୍ଲକ୍ କାର୍ଯ୍ୟାଳୟ ପରିସରରେ ବିଷମକଟକ ବ୍ଲକ୍ ପ୍ରଶାସନ ତରଫରୁ ଏଠାରେ ଅବସ୍ଥାପିତ ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ଉପାଧକ୍ଷ ଦେବୀ ପ୍ରସାଦ ପଟ୍ଟନାକ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ସଦାଶିବ ନାୟକ ଏବଂ ସମସ୍ତ ଅଧିକାରୀଙ୍କ ଦ୍ୱାରା ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ଏହା ସହିତ ବ୍ଲକ କାର୍ଯ୍ୟାଳୟ ପରିସରରେ ସମସ୍ତ କର୍ମଚାରୀଙ୍କ ଉପସ୍ଥିତିରେ ରାଜ୍ୟ ସଂଗୀତ ବନ୍ଦେ ଉତ୍କଳ ଜନନୀ ଗାନ କରାଯାଇଥିଲା। ଏହି ଅବସରରେ ବ୍ଲକ୍ ପ୍ରଶାସନ ତରଫରୁ ବିଶିଷ୍ଟ ସାହିତ୍ୟିକ ତଥା ଗବେଷକ ଶ୍ରୀରଙ୍ଗ ନାୟକ, ଲେଖକ ରଘୁନାଥ ଡାକୁଆ, ଚନ୍ଦ୍ରଧ୍ୱଜ କୁମାର, ଅବସରପ୍ରାପ୍ତ ଶିକ୍ଷକ ରାଧାକାନ୍ତ ପାଢ଼ୀ, ନାଟ୍ୟକାର ନନ୍ଦ ଗୌଡ଼ଙ୍କୁ ସମ୍ମାନିତ କରାଯାଇଥିଲା।

**ପଟାଙ୍ଗି:** କୋରାପୁଟ ଜିଲ୍ଲା ପଟାଙ୍ଗି ବ୍ଲକ୍ ପ୍ରାଙ୍ଗଣରେ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ କାର୍ଯ୍ୟକ୍ରମ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁକାନ୍ତ କୁମାର ପଟ୍ଟନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବ୍ଲକ୍ ଅଧକ୍ଷା କଳ୍ପନା ପାଙ୍ଗି ଯୋଗଦେଇ ଓଡ଼ିଆ ଭାଷା ଏବଂ ସାହିତ୍ୟ ବିନା କେବେ ମଧ୍ୟ ଆମେ ଆଗେଇ ପାରିବାନାହିଁ। ତେଣୁ ମୁଖ୍ୟମନ୍ତ୍ରୀଙ୍କ ଏହି ପ୍ରୟାସ ସ୍ୱାଗତଯୋଗ୍ୟ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଗାଙ୍ଗେଶ୍ୱରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧକ୍ଷ ଡ. ରାମକୃଷ୍ଣ ସାମଲ ଯୋଗଦେଇ ଓଡ଼ିଆ ଭାଷାକୁ ବିଶ୍ୱସ୍ତରରେ ପହଞ୍ଚାଇବା ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କ ପ୍ରୟାସ, ଆମେରିକାରେ ସନ୍ଥକବି ଭୀମ ଭୋଇଙ୍କ ଲେଖା ରହିଥିବା ନେଇ କହିବା ସହ ସେ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ତାଙ୍କ ପ୍ରୟାସରେ ପ୍ରଥମ ଥର ପଞ୍ଚାୟତ ସମିତିର ସମସ୍ତ ଲେଖା ଓଡ଼ିଆ ଭାଷାରେ ଲେଖାଯାଉ ବୋଲି ନିବେଦନ କରିଥିଲେ। ଅନ୍ୟତମ ଅତିଥି ଭାବେ ଜିଲ୍ଲା ପରିଷଦ ସଦସ୍ୟ ଲଇଛନ ଖରା, ବ୍ଲକ୍ ଶିକ୍ଷା ଅଧିକାରୀ ଟି. ମିନତି, ଅତିରିକ୍ତ ଶିକ୍ଷା ଅଧିକାରୀ ପ୍ରଭାକର ଖଟୁଆ, ସ୍ଥାନୀୟ ସରପଞ୍ଚ ଆଲମେ ଫୁଲ ପ୍ରମୁଖ ଯୋଗଦେଇଥିଲେ। ମୁଖ୍ୟମନ୍ତ୍ରୀଙ୍କଠାରୁ ଶିକ୍ଷା ପୁରସ୍କାର ପାଇଥିବା ଶିକ୍ଷୟିତ୍ରୀ ସ୍ୱପ୍ନାରାଣୀ ସ୍ୱାଇଁ, ମାଳିପୁଟ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକଶିକ୍ଷୟିତ୍ରୀ, ମାଳିପୁଟ ପଞ୍ଚାୟତକୁ ଉକ୍ତ କାର୍ଯ୍ୟକ୍ରମରେ ସମ୍ମାନିତ କରାଯାଇଥିଲା। ଗାଙ୍ଗେଶ୍ୱରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧକ୍ଷ ଡ. ରାମକୃଷ୍ଣ ସାମଲ, ଗାଙ୍ଗେଶ୍ୱରୀ ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟାପକ ଅମୟ କୁମାର ସ୍ୱାଇଁ, ଶିକ୍ଷକ ଶରତ କୁମାର ଜେନା, ପ୍ରଫୁଲ୍ଲ ବେହେରା, ଜଗନ୍ନାଥ ସାହୁ, ରମାକାନ୍ତ ମାଝୀ, ଶିକ୍ଷୟିତ୍ରୀ ଭାରତୀ କୁମାରୀ ଦାସ, ଲେଖିକା ପ୍ରତ୍ୟୁଷା ମହାନ୍ତି, ଶିକ୍ଷକ ଶିବପ୍ରସାଦ ସାମଲ, ନାରାୟଣ ମାଝୀ, ସ୍ଥାନୀୟ କଳାକାର ତଥା ଗୀତ କୁଡ଼ିଆ ମୋହନ ହିଆଲ, କିନ୍ଦ୍ରି ଗୀତ କୁଡ଼ିଆ ଗାଉଥିବା କାମୁଲୁ ଆମା ହିଆଲ, ମଉରିଆ ଆଞ୍ଜେଲ ବାଙ୍କା, କେନ୍ଦେରା ବାଦ୍ୟଯନ୍ତ୍ର ବଜାଉଥିବା ଦୃଷ୍ଟିବାଧିତ ଗଙ୍ଗାଧର ଆଡ଼କାଟିଆ ଏବଂ ତାଙ୍କ ପରିବାର, ଶିକ୍ଷକ ତଥା କଳାକାର ଶିବପ୍ରସାଦ ପଟ୍ଟନାୟକ, ସଂଗୀତା ଦଳେଇ ପ୍ରମୁଖ ଶ୍ରେଷ୍ଠ ଶିକ୍ଷକଶିକ୍ଷୟିତ୍ରୀଙ୍କୁ ସମ୍ମାନିତ କରାଯାଇଥିଲା। ଶିକ୍ଷକ ଜଗନ୍ନାଥ ସାହୁ ମଞ୍ଚ ପରିଚାଳନା କରିଥିବାବେଳେ ଜିପିଓ ଦିବାକର ପୁରୋହିତ, ଶିକ୍ଷକଶିକ୍ଷୟିତ୍ରୀ ଏବଂ ପ୍ରମୁଖ ଅଧିକାରୀଗଣ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

**ନନ୍ଦାହାଣ୍ଡି:** ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଶନିବାର ନବରଙ୍ଗପୁର ଜିଲ୍ଲା ନନ୍ଦାହାଣ୍ଡି ବ୍ଲକର ସମସ୍ତ ପଞ୍ଚାୟତ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଛି। ସମ୍ମିଳନୀ ପ୍ରାରମ୍ଭରେ ବନ୍ଦେ ଉତ୍କଳ ଜନନୀ ଗାନ କରାଯାଇଥିଲା। ସ୍ୱାଧୀନତା ଆନ୍ଦୋଳନରେ ସହିଦମାନଙ୍କ ଉତ୍ତରାଧିକାରୀ ଭାବେ ବୁଦୁ ଜାନୀ, ସନ୍ୟାସୀ ଭତରା, ଭୀଷ୍ମ ପୂଜାରୀ, ଗୁପ୍ତ ଗୌଡ଼, ଲଳିତ ରନ୍ଧାରୀ, ବିଦ୍ୟାଧର ଜାନୀ, ଗୁରୁ ଅମନାତ୍ୟ ଓ ଉମାଶଙ୍କର ଜାନୀ ପ୍ରମୁଖଙ୍କୁ ପୁଷ୍ପଗୁଚ୍ଛ ସହ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା। ସାହିତ୍ୟିକ ଭାବେ ରାଷ୍ଟ୍ରପତି ପୁରସ୍କାପ୍ରାପ୍ତ ତଥା ଅବସରପ୍ରାପ୍ତ ଶିକ୍ଷକ ଶରତ ଚନ୍ଦ୍ର ଦାଶ ଏବଂ କବି ଭାବେ ପ୍ରଭଞ୍ଜନ ତ୍ରିପାଠୀ ଓ ରତନ ମାଝୀଙ୍କୁ ତଥା ସାହିତ୍ୟ ସଂଯୋଜକ ରୂପେ ପୁଷ୍ପାଞ୍ଜଳି ମହାନ୍ତି ଓ ଶିବଶଙ୍କର ପାଢ଼ୀ ପ୍ରମୁଖଙ୍କୁ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା। ଏତଦ୍ ବ୍ୟତୀତ ବରିଷ୍ଠ ତଥା ବିଶିଷ୍ଟ କଳାକାର ଭାବେ ନରସିଂହ ତ୍ରିପାଠୀ, ନରେନ୍ଦ୍ର ଦାଶ, ଗୌରହରି ଶତପଥୀ, ଶ୍ରୀକାନ୍ତ ତ୍ରିପାଠୀ, ଟଙ୍କ ମଣ୍ଡଳ, ତ୍ରିପତି ମାଳି, ନବୀନ ଚନ୍ଦ୍ର ମାଝୀ, ଈଶ୍ୱର ମାଝୀ, ପତି ନାୟକ, ମଦନ ମାଝୀ ପ୍ରମୁଖଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା। ବିଞ୍ଜିଗୁଡ଼ା, କୋଟ୍ରାଗୁଡ଼ା ଓ ନିସ୍ତାହାଣ୍ଡି ଆଦି ତିନି ସେବାଶ୍ରମ ବିଦ୍ୟାଳୟରେ ଓଡ଼ିଆ ଭାଷା ଉପରେ ଆଧାରିତ ବକ୍ତୃତା ଓ ପ୍ରବନ୍ଧ ପ୍ରତିଯୋଗିତାରେ ୧୮ ଜଣ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ବ୍ଲକ୍ ଅଧକ୍ଷା ରଶ୍ମିତା ମାଝୀ ଯୋଗଦେଇଥିବା ବେଳେ ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଗୋବିନ୍ଦ କହଁର ସଭାପତିତ୍ୱ କରିଥିଲେ। ମୁଖ୍ୟବକ୍ତା ଭାବେ ଶରତ ଚନ୍ଦ୍ର ଦାଶ, ସମ୍ମାନିତ ଅତିଥି ଭାବେ ଜୋନ୍ ୨ ଜିଲ୍ଲା ପରିଷଦ ସଭ୍ୟ ଅରୁଣ କୁମାର ମିଶ୍ର, ଗୋଷ୍ଠୀ ଶିକ୍ଷା ଅଧିକାରୀ ପୁଷ୍ପାଞ୍ଜଳି ମହାନ୍ତି, ବ୍ଲକ ଉପାଧକ୍ଷ ସଦନ ଗୌଡ଼, ସାଂସଦ ପ୍ରତିନିଧି ସୁନିଲ ସାହୁ, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ସଦସ୍ୟ ଜଗବନ୍ଧୁ ଜାନୀ, ଜିଲ୍ଲା ଜନଜାତି ସୁରକ୍ଷା ମଞ୍ଚ ଉପ ସଭାପତି ରତନ ମାଝୀ, ଜିଲ୍ଲା ପରଜା ସମାଜ ସଭାପତି ବୁଦୁ ଜାନୀ, ନନ୍ଦାହାଣ୍ଡି ବ୍ଲକ ବିଜେଡି ଯୁବ ସଭାପତି ପୁରନ୍ଦର ଭତ୍ରା, ସହିଦ ପରିବାରଙ୍କ ଦାୟାଦ, ଅନେକ ବିଶିଷ୍ଟ ସାହିତ୍ୟିକ, ସମାଜସେବୀ, ନାଟ ଗୁରୁ ଏବଂ ବ୍ଲକ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ।

**ଉମରକୋଟ:** ଓଡ଼ିଆ ଭାଷାର ପ୍ରଚାର, ସଂରକ୍ଷଣ ଓ ପ୍ରସାର ପାଇଁ ଶନିବାରଠାରୁ ଆରମ୍ଭ ହୋଇଛି ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ। ଉମରକୋଟ ପୌର ପରିଷଦ ପକ୍ଷରୁ ଉମରକୋଟ ବିଜୁ ପଟ୍ଟନାୟକ ଏସଟି ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଠାରେ ଏହି ଅବସରରେ ଏକ ସଭା ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଗୁରୁକୃପା କଲେଜର ଅଧ୍ୟାପିକା ଙ୍ଗ ଚନ୍ଦନା ମଲ୍ଲିକ ମଞ୍ଚ ପରିଚାଳନା କରିଥିବାବେଳେ ନିଳୋତ୍ପଳା ପଣ୍ଡା ଚମତ୍କାର ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। ମୁଖ୍ୟ ଅତିଥି ଭାବେ ଓଡ଼ିଶା ଉଠା ଜଳସେଚନ ନିଗମର ଉପଦେଷ୍ଟା ପ୍ରମୋଦ କୁମାର ପାଢ଼ୀ, ପୌର ପରିଷଦ ଅଧକ୍ଷା ରାଧାଭତ୍ରା, ପୌର ପରିଷଦ ଉପାଧକ୍ଷ ସୁଧାଂଶୁ ଦାସ, ଶିକ୍ଷାବିତ ତଥା ସାହିତ୍ୟିକ ଡ. ପ୍ରଦୀପ କୁମାର ମିଶ୍ର, ପେଣ୍ଡ୍ରାଣୀ ମହାବିଦ୍ୟାଳୟର ପ୍ରାଧ୍ୟାପକ ଡ. ଶେଷାନନ୍ଦ ମିଶ୍ର, ପୌର ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ପୁରୁଷୋତ୍ତମ ବେନିଆ, ବିଜୁ ପଟ୍ଟନାୟକ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧକ୍ଷା ନମିତା ମହାପାତ୍ର ଯୋଗଦେଇ ଓଡ଼ିଆ ଭାଷା କିପରି ଆଗକୁ ବଢ଼ିପାରିବ ଓ ସମସ୍ତେ କିଭଳି ଓଡ଼ିଆ ଭାଷାର ବ୍ୟବହାର କରିବେ ଓ ଆଧୁନିକ ଜ୍ଞାନକୌଶଳକୁ ପ୍ରୟୋଗ କରି ଭାଷା କିପରି ଆଗକୁ ବଢ଼ିପାରିବ ସେ ଉପରେ ଆଲୋଚନା କରିଥିଲେ। ଓଡ଼ିଆ ଭାଷା ଉପରେ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରାଯାଇ କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ପରେ ଅତିଥି ମାନେ ଓଡ଼ିଆ ଭାଷା ପ୍ରଚାର ରଥକୁ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଉଠା ଜଳସେଚନ ନିଗମ ଉପଦେଷ୍ଟା ପ୍ରମୋଦ କୁମାର ପାଢ଼ୀ ଛାତ୍ରୀମାନଙ୍କୁ ଓଡ଼ିଆ ଭାଷାର ବ୍ୟବହାର ଓ ପ୍ରଚାରପ୍ରସାର ପାଇଁ ଶପଥ କରାଇଥିଲେ। ଶେଷରେ ଅଧକ୍ଷା ନମିତା ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ସମସ୍ତ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ପୌର ପରିଷଦର ସହର ମିଶନ ପରିଚାଳକ ଅଭିଷେକ ମିଶ୍ର।

# ବିଭିନ୍ନ ସରକାରୀ କାର୍ଯ୍ୟାଳୟରେ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ

**ଜୟପୁର,୩।୨(ସମିସ):** କୋରାପୁଟ ଜିଲ୍ଲା ଜୟପୁର ସହରରେ ବିଭିନ୍ନ ସରକାରୀ କାର୍ଯ୍ୟାଳୟଠାରେ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଶନିବାର ଆୟୋଜିତ ହୋଇଯାଇଛି। ପୂର୍ବାହ୍ନରେ ଜୟପୁର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରେ ପ୍ରଥମ ଓଡ଼ିଆ ଭାଷା ସମ୍ମିଳନୀ ଅବସରରେ ରାଜ୍ୟ ସଂଗୀତ ବନ୍ଦେ ଉତ୍କଳ ଜନନୀ ସମସ୍ତ ଅଧିକାରୀ ଏବଂ କର୍ମଚାରୀ ମିଳିତ ଭାବେ ଗାନକରିଥିଲେ। ଏହି ଅବସରରେ ଉପଜିଲ୍ଲାପାଳ ପ୍ରଭାତ କୁମାର ପରିଡ଼ା ନିଜ ବକ୍ତବ୍ୟରେ ଓଡ଼ିଆ ଭାଷାକୁ ବିଶ୍ୱସ୍ତରରେ ପହଞ୍ଚାଇବାର ରାଜ୍ୟ ସରକାରଙ୍କ ପ୍ରମୁଖ ଭୂମିକା ଯୋଗୁଁ ଶନିବାର ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ପାଳନ କରାଯାଉଛି ବୋଲି କହିଥିଲେ। ସେହିପରି ପୌରସଂସ୍ଥା ପକ୍ଷରୁ କାର୍ଯ୍ୟାଳୟ ପରିସରରେ ଭୁବନେଶ୍ୱର ଜନତା ମଇଦାନଠାରେ ମୁଖମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଉଦଘାଟନୀ ଉତ୍ସବର ସିଧାପ୍ରସାରଣ ଏଲଇଡି ମାଧ୍ୟମରେ କରାଯାଇଥିଲା। ପୌରନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପୌରାଧକ୍ଷ ନରେନ୍ଦ୍ର ମହାନ୍ତି ଯୋଗଦେଇ ଓଡ଼ିଆ ଭାଷାକୁ ସଂସ୍କୃତି ବିଭାଗ ଦ୍ୱାରା ମାନ୍ୟତା ମିଳିଥିବାବେଳେ ଏହାର ସୁରକ୍ଷା ଓ ପ୍ରଚାରପ୍ରସାର ଦାୟିତ୍ୱ ସମସ୍ତ ଓଡ଼ିଆଙ୍କର ବୋଲି କହିଥିଲେ। ଏହି ଅବସରରେ ଉପାଧକ୍ଷ ବି. ସୁନିତା, ସମସ୍ତ କାଉନସିଲର, କର୍ମଚାରୀ ଯୋଗଦେଇଥିଲେ। ପୌରସଂସ୍ଥା ପକ୍ଷରୁ ଓଡ଼ିଆ ଭାଷା ସୁରକ୍ଷା ଏବଂ ପ୍ରଥମ ବିଶ୍ୱ ସମ୍ମିଳନୀ ପାଳନ ଅବସରରେ ଆସନ୍ତା ୩ ଦିନ ପର୍ଯ୍ୟନ୍ତ ସହରରେ ପରିକ୍ରମା କରିବାକୁ ଥିବା ରଥର ଶୁଭାରମ୍ଭ କରାଯାଇଥିଲା। ଏହି ରଥ ସହରର ସମସ୍ତ ସାହି, ବସ୍ତି ଅଞ୍ଚଳରେ ବୁଲିବା ସହ ଓଡ଼ିଆ ଭାଷା, ଲେଖକ, କବି, ସ୍ୱାଧୀନତା ସଂଗ୍ରାମୀ ଏବଂ ରାଜ୍ୟ ସଂଗୀତର ପ୍ରଚାରପ୍ରସାର କରିବ।

ସେହିପରି ଜୟପୁର ବ୍ଲକ୍ କାର୍ଯ୍ୟାଳୟଠାରେ ବିଶ୍ୱ ଓଡ଼ିଆ ଭାଷା ଦିବସ ପାଳନ ଅବସରରେ ୧୩ ଜଣ ସ୍ଥାନୀୟ ସାହିତ୍ୟିକ, ଲେଖକ, କବି ଓ ଭାଷାବିତଙ୍କୁ ସମ୍ମାନିତ କରାଯାଇଥିଲା। ବିଡିଓ ଶକ୍ତି ମହାପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ବିକ୍ରମଦେବ ବିଶ୍ୱବିଦ୍ୟାଳୟର ଶିକ୍ଷା ବିଭାଗର ମୁଖ୍ୟ ଡ. ମନୋରଞ୍ଜନ ପ୍ରଧାନ ଯୋଗଦେଇ ଓଡ଼ିଆ



ଭାଷା ବିଶ୍ୱର ସର୍ବପୁରାତନ ସଂସ୍କୃତ ଭାଷାରୁ ଉତ୍ପନ୍ନ ହୋଇଛି। ଏହି ଭାଷାକୁ ବିଶ୍ୱସ୍ତରରେ ମାନ୍ୟତା ପାଇଁ ରାଜ୍ୟ ସରକାରଙ୍କ ପ୍ରୟାସକୁ ପ୍ରଶଂସା କରିଥିବାବେଳେ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଆୟୋଜନ ଏକ ଐତିହାସିକ ପଦକ୍ଷେପ ବୋଲି କହିଥିଲେ। ଏହି ଅବସରରେ ବ୍ଲକ୍ ଅଧକ୍ଷା ତିଲୋତ୍ତମା ମୁଦୁଲି, ଜିଲ୍ଲା ପରିଷଦ ସଦସ୍ୟା ତପତି ପଟ୍ଟନାୟକ, ଆସ୍ଥା ନାୟକ, ରଶ୍ମି ରଥ ପ୍ରମୁଖ ମଞ୍ଚାସୀନ ଥିଲେ। ସ୍ଥାନୀୟ ଇରିଗେସନ କୋଲନୀସ୍ଥିତ ଅପର କୋଲାବ ପ୍ରକଳ୍ପ ଉଚ୍ଚ ବିଦ୍ୟାଳୟଠାରେ ପ୍ରଧାନଶିକ୍ଷକ ତପନ କିରଣ ତ୍ରିପାଠୀଙ୍କ ଅଧକ୍ଷତାରେ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ଶିକ୍ଷକ ରାଧାମୋହନ ପଣ୍ଡା, ଦିବାକର ପଟ୍ଟନାୟକ, ଜଗଦିଶ ପ୍ରସାଦ ସ୍ୱାଇଁ ପରିଚାଳନା କରିଥିଲେ। ସେହିପରି ଛାତ୍ରଛାତ୍ରୀ ଓ ଅଭିଭାବକମାନେ ଯୋଗଦେଇ ଓଡ଼ିଆ ସାହିତ୍ୟ ଆଲୋଚନାଚକ୍ରରେ ଭାଗ ନେଇଥିଲେ।

**ବୋରିଗୁମ୍ମା:** ବୋରିଗୁମ୍ମା ପଞ୍ଚାୟତ ସମିତି ତରଫରୁ ଶନିବାର ବ୍ଲକ୍ କାର୍ଯ୍ୟାଳୟ ପରିସରରେ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ବ୍ଲକ୍ ଅଧକ୍ଷା ଦୀପ୍ତିମୟୀ ନାୟକ, ବିଡିଓ ବିକ୍ରମ କୁମାର ଦୋରା, ଜିଲ୍ଲା ପରିଷଦ ସଭ୍ୟ ପ୍ରସାଦ ବିଡ଼ିକା, ସମିତିସଭ୍ୟ ପ୍ରିୟଙ୍କା ରଥ ଓ ସମସ୍ତ ବିଭାଗର କର୍ମଚାରୀ, ନିର୍ବାଚିତ ପ୍ରତିନିଧିମାନେ ଉପସ୍ଥିତ ଥିଲେ। ଓଡ଼ିଆ ଭାଷା ଓ ସାହିତ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ପଞ୍ଚାୟତ ସମିତିସ୍ତରୀୟ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ପ୍ରତ୍ୟେକ ଶିକ୍ଷାନୁଷ୍ଠାନ, ଥାନା, ବିଭିନ୍ନ ସରକାରୀ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରୀଙ୍କ ଦ୍ୱାରା ବନ୍ଦେ ଉତ୍କଳ ଜନନୀ ଗାନ କରାଯାଇଥିଲା। ସ୍ଥାନୀୟ ସାହିତ୍ୟିକ ଡ. ରଜତ କୁମାର ଷଡ଼ଙ୍ଗୀ, ରବି ଶତପଥୀ, ଲେଖକ ଏନ୍ ରାଜେଶ କୁମାର, ନାଟ ଗୀତ ଲେଖକ ସୁବାସ ଚନ୍ଦ୍ର ହରିଜନ, କବି ସରୋଜ କୁମାର ପ୍ରହରାଜ, ନାଟଗୁରୁ କର୍ଣ୍ଣ ଗୌଡ଼ଙ୍କୁ ସାହିତ୍ୟ ଓଡ଼ିଆ ଭାଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ସମ୍ବର୍ଦ୍ଧିତ କରାଯାଇଥିଲା। ଉପସ୍ଥିତ କବି, ଲେଖକ, ସାହିତ୍ୟିକ ସେମାନଙ୍କ ବକ୍ତବ୍ୟରେ ଭାଷା ବ୍ୟବହାର ଉପରେ ଗୁରୁତ୍ୱାରୋପ କରିଥିଲେ। କବି ଏନ୍ ରାଜେଶ କୁମାର କବିତା ମାଧ୍ୟମରେ ଓଡ଼ିଆ ଭାଷାର ସୁନ୍ଦରତା ବିଷୟରେ ବର୍ଣ୍ଣନା କରିଥିଲେ। କବି ସୁବାସ ହରିଜନ ଏକ ସୁନ୍ଦର କବିତାପାଠ କରିଥିଲେ।

**ଲକ୍ଷ୍ମୀପୁର:** କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ବ୍ଲକ ପରିସରରେ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀର ଆୟୋଜନ କରାଯାଇଥିଲା। ଏହି ସମ୍ମିଳନୀରେ ବ୍ଲକ ଅଧକ୍ଷା ଶୁଆଇ କୁଲେସିକା, ଉପାଧକ୍ଷା ଆରତି କୁଲଦୀପ, ସ୍ଥାନୀୟ ସରପଞ୍ଚ ଶ୍ୟାମସୁନ୍ଦର ତାଡ଼ିଙ୍ଗି, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ମାନସ କୁମାର ମୁଖାର୍ଜୀ, ଜିପିଓ ସୁଧୀର କୁମାର ବେହେରା, ବିପିଏମ୍ ପ୍ରକାଶ ସେଠୀ, ଜିଆରଏସ ସଞ୍ଜୟ କୁମାର ସାହୁ, ଓଡ଼ିଆ ଭାଷାକୁ ଭଲ ପାଇ ଆସୁ ଥିବା କବି ମହାଦେବ ଶତପଥୀ, ବିଜ୍ଞାନ ଶିକ୍ଷକ ଗୋଲକ ଲେଙ୍କା, ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଶିକ୍ଷକଶିକ୍ଷୟିତ୍ରୀ ଯଥା- କୁଶ ଗରଡ଼ା, କୁମୁଦିନୀ ଗରଡ଼ା, ମଧୁମିତା ନନ୍ଦ, ଶିବ ପ୍ରସାଦ ସାହୁ, ପୁଷ୍ପାଞ୍ଜଳି ଚୌଧୁରୀ, ଆଇସିଡିଏସ୍ ସୁପରଭାଇଜର ଚଞ୍ଚଳା ପାଢ଼ୀ, କୃଷି ମିତ୍ର, ବ୍ଲକ୍ କର୍ମଚାରୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଏହି ଅବସରରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ନୃତ୍ୟ ପରିବେଷଣ କରାଯାଇଥିଲା। ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା।

**ସେମିଳିଗୁଡ଼ା:** କୋରାପୁଟ ଜିଲ୍ଲା ସେମିଳିଗୁଡ଼ା ଅନ୍ତର୍ଗତ ରାଜପୁଟ ପଞ୍ଚାୟତରେ ଆଜି ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଓ ସତନ୍ତ୍ର ଗ୍ରାମସଭା ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ସମାଜସେବୀ ସନୁ ମାଝୀ, ରାଜପୁଟ ଗ୍ରାମ ପଞ୍ଚାୟତର ନାଏବ ସରପଞ୍ଚ ପଦ୍ମା ହନ୍ତାଳ, ପ୍ରାଣୀଧନ ଅଧିକାରୀ ସାଧନାରାଣୀ ମିଶ୍ର, ରୋଜଗାର ସେବକ ମନୋଜ କୁମାର ହିଆଲ, ସମସ୍ତ ୱାର୍ଡ ସଭ୍ୟ/ସଭ୍ୟା, ଭଦ୍ରବ୍ୟକ୍ତି ବିଶେଷ, ସମସ୍ତ ସରକାରୀ ଅଧିକାରୀ ତଥା କର୍ମଚାରୀ, ଏସ୍‌ଏଚଜି ସଭ୍ୟା ତଥା ଜନସାଧାରଣ ଉପସ୍ଥିତ ଥିଲେ। ଏହି ଅବସରରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଟିଭି ମାଧ୍ୟମରେ ଏହି ସମ୍ମିଳନୀର ଉଦଘାଟନୀ ଉତ୍ସବର ସିଧାପ୍ରସାରଣ ଦେଖିଥିଲେ। ଏହି ସମ୍ମିଳନୀରେ ତିନି ଜଣଙ୍କୁ ରାଜପୁଟ ପଞ୍ଚାୟତ ତରଫରୁ ମାନପତ୍ର ସହ ଉପଢ଼ୌକନ ଦେଇ ସମ୍ମାନିତ କରାଯାଇଥିଲା। ସେମାନେ ହେଲେ ସାମ୍ବାଦିକ ପତି ମୁଠାଇ, ରାଜପୁଟର ମିନି ଖରା, କାଙ୍ଗରା ଗ୍ରାମର ଅଙ୍ଗନବାଡ଼ି-୧ର କର୍ମୀ ଜ୍ୟୋତ୍ସ୍ନା ଖରାଙ୍କ ସମେତ ମିଖିବିଡାଇ ସ୍କୁଲ ଛାତ୍ରଛାତ୍ରୀ ହର୍ଷିତା ପ୍ରିୟଦର୍ଶନୀ, ପ୍ରିୟଙ୍କା ଖରା, ରନବିର ହନ୍ତାଳ, ରବି କୁତର, ମିନତି କନ୍ତରୀ, କବିତା ଖରା ପ୍ରମୁଖ କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ରାଜପୁଟ ଗ୍ରାମ ପଞ୍ଚାୟତର ରୋଜଗାର ସେବକ ମନୋଜ କୁମାର ହିଆଲ କାର୍ଯ୍ୟକ୍ରମ ପରିଚାଳନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ।

**ପଦ୍ମପୁର:** ପଦ୍ମପୁର ପଞ୍ଚାୟତ ସମିତି କାର୍ଯ୍ୟାଳୟଠାରେ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ବ୍ଲକସ୍ତରୀୟ ସମ୍ମିଳନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସମିତି ଉପାଧକ୍ଷ ରମେଶ ଚନ୍ଦ୍ର ସାହୁ ଏବଂ ସମ୍ମାନିତ ଅତିଥି ଭାବରେ ପଦ୍ମପୁର ତହସିଲଦାର ସତୀଶ କୁମାର ବୋହିନୀ, ପୂର୍ବତନ ତହସିଲଦାର ଗୀତାଞ୍ଜଳି ବେହେରା, ମହିଳା ଓ ଶିଶୁ ବିକାଶ ବିଭାଗ ଅଧିକାରୀ ପ୍ରମିଳା ବେହେରା, ସହାକାରୀ ଯନ୍ତ୍ରୀ ରଶ୍ମିତା ଶବର ଯୋଗଦେଇ ଓଡ଼ିଆ ଭାଷାର ପୃଷ୍ଠପୋଷକ ତଥା ଓଡ଼ିଆ ଭାଷା ସାହିତ୍ୟର ବୀରତ୍ୱମାନଙ୍କୁ ପୁଷ୍ପାଞ୍ଜଳି ଦେବା ସହ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭ ଉଦଘାଟନ କରିଥିଲେ ଏବଂ ପ୍ରଥମେ ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ଗାନ କରି ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ କାର୍ଯ୍ୟକ୍ରମର ଶୀର୍ଷକ 'ଭାଷା ଅତୀତର ଅସ୍ତିତ୍ୱ ଭାଷା ହିଁ ଭବିଷ୍ୟତ' ଉପରେ ଆଲୋଚନା କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ପଦ୍ମପୁରର ବିଶିଷ୍ଟ ସାହିତ୍ୟିକ ତଥା ଅବସରପ୍ରାପ୍ତ ସଂସ୍କୃତ ଶିକ୍ଷକ ଭାସ୍କର ଚନ୍ଦ୍ର ପାଣିଗ୍ରାହୀ, ସ୍ଥାନୀୟ ସରକାରୀ କଲେଜର ଅଧକ୍ଷ ସୁବାଷ ଚନ୍ଦ୍ର ସାହୁ, ଗୁରୁ ଗୌରବାନ୍ୱିତ ଶିକ୍ଷକ ତଥା ଭାଷାବିତ୍ ଦିଲ୍ଲୀପ କୁମାର କର, ସାହିତ୍ୟିକା ସୁନିତା ପଣ୍ଡା, ଯୁବ ସାହିତ୍ୟିକ ତଥା ଯୁବ କବିମାନଙ୍କ ମଧ୍ୟରେ ରୂପେଶ ସାହୁ, ଦେବାଶିଷ ମହାପାତ୍ର, ରାଧାମୋହନ ପାଣିଗ୍ରାହୀ, ସୁନିତା ସାହୁ ଏହି ଆଲୋଚନା ଚକ୍ରରେ ଅଂଶ ଗ୍ରହଣ କରି ଓଡ଼ିଆ ଭାଷା, ବର୍ଣ୍ଣବୋଧ ଓ ଲିପିର ଉତ୍ପତ୍ତି, ପରିମାର୍ଜିତ ଏବଂ ବିକାଶ ନିମନ୍ତେ ନିଜର ବକ୍ତବ୍ୟ ରଖିଥିଲେ। ପଦ୍ମପୁର ପଞ୍ଚାୟତ ସମିତି ତରଫରୁ ଏହି ସମସ୍ତ ଭାଷାବିତଙ୍କୁ ଉତ୍ତରୀୟ ପ୍ରଦାନ କରି ସମ୍ମାନିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ପଞ୍ଚାୟତ ସମିତି କାର୍ଯ୍ୟାଳୟର ସମସ୍ତ କର୍ମଚାରୀ, ତହସିଲ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଏବଂ ମହିଳା ଓ ଶିଶୁ ବିକାଶ ବିଭାଗ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ, ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ, ଓଡ଼ିଆ ଭାଷାପ୍ରେମୀମାନେ ଉପସ୍ଥିତ ଥିଲେ। ବ୍ଲକ୍ ମିଶନ ଶକ୍ତି ସଂଯୋଜକ ସୁନୀଲ କୁମାର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ‘ଆମ ଓଡ଼ିଶା, ନବୀନ ଓଡ଼ିଶା’ ସଚେତନତା ଶିବିର

କୋରୁକୋଣ୍ଡା,୩।୨(ସମିସ)

ରାଜ୍ୟ ସରକାରଙ୍କ ଜନହିତକର ଯୋଜନାଗୁଡ଼ିକ ଜନସାଧାରଣଙ୍କୁ ଅବଗତ କରାଇବା ନିମନ୍ତେ ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ସଦର ଗ୍ରାମ ପଞ୍ଚାୟତ ଖେଳ ପଡ଼ିଆରେ ‘ଆମ ଓଡ଼ିଶା, ନବୀନ ଓଡ଼ିଶା’ ମାଧ୍ୟମରେ ଆମ ପଞ୍ଚାୟତର ବିକାଶ କାର୍ଯ୍ୟକ୍ରମ ମାଧ୍ୟମରେ ପଞ୍ଚାୟତବାସୀଙ୍କୁ ଯୋଜନାଗୁଡ଼ିକ ବିଷୟରେ ଅବଗତ କରାଇଥିଲା। ବିଭିନ୍ନ ବିଭାଗ ଦ୍ୱାରା ଜନସାଧାରଣଙ୍କ ହିତକାରୀ ଯୋଜନାଗୁଡ଼ିକୁ ଷ୍ଟଲ୍ ମାଧ୍ୟମରେ ପ୍ରଦର୍ଶିତା କରିବା ସହିତ ସ୍ଥାନୀୟ ଜନସାଧାରଣଙ୍କୁ ଅବଗତ



କରାଯାଇଥିଲା। ଏହି ଅବସରରେ କୋରୁକୋଣ୍ଡା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶିବ ପ୍ରସାଦ ପଟ୍ଟନାୟକ ସଭାପତିତ୍ୱ କରିଥିବାବେଳେ ମୁଖ୍ୟ ଅତିଥି ଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷ ଜିତୁ ବୁରୁଡ଼ି ଆସନ ଅଳଙ୍କୃତ କରିଥିଲେ ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ପଦ୍ମା ମଡକାମୀ, ଜିଲ୍ଲା ପରିଷଦ ମାଲକାନଗିରି ପିଏମ ରୁରାଲ ହାଉସିଂ ଶାଶ୍ୱତି ରାଉତ ଏବଂ ଚିତ୍ରକୋଣ୍ଡା ବିଧାୟକ ପ୍ରତିନିଧି ସତ୍ୟ ପାଣିଗ୍ରାହୀ ମଞ୍ଚାସୀନ ଥିଲେ। ରାଜ୍ୟ ସରକାରଙ୍କ ଦ୍ୱାରା କରାଯାଇଥିବା ଜଗନ୍ନାଥ ସଂସ୍କୃତି, ସ୍କୁଲ ରୂପାନ୍ତରଣ, କ୍ରୀଡ଼ା ଭିତ୍ତିଭୂମି ବିକାଶ, ମହିଳା ସଶକ୍ତୀକରଣ, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ସମ୍ବନ୍ଧରେ ଉପସ୍ଥିତ ଜନସାଧାରଣଙ୍କୁ ଅତିଥିମାନେ ବିସ୍ତୃତ ଭାବେ ସଚେତନ କରାଇଥିଲେ। ଗ୍ରାମାଞ୍ଚଳରେ ସହର ସହିତ ଯୋଡ଼ିବା ପାଇଁ ଗତବର୍ଷ ଅକ୍ଟୋବର ୧୨ ତାରିଖଠାରୁ ସମସ୍ତ ପଞ୍ଚାୟତକୁ ଲକ୍ଷ୍ମୀ ବସ୍ ଯୋଜନା ମୁଖ୍ୟମନ୍ତ୍ରୀ ଯୋଗାଇ ଦେଇଛନ୍ତି। ଏହିପରି ଅନେକ ଯୋଜନା ମାଧ୍ୟମରେ କୋରୁକୋଣ୍ଡା ଗ୍ରାମ ପଞ୍ଚାୟତ ଉନ୍ନୟନମୂଳକ କାର୍ଯ୍ୟକୁ ନେଇ ଏକ ପୁସ୍ତକ ମଞ୍ଚାସୀନ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚନ କରାଯାଇ ଉପସ୍ଥିତ ପଞ୍ଚାୟତବାସୀଙ୍କୁ ବଣ୍ଟନ କରାଯାଇଥିଲା। ସ୍ଥାନୀୟ ପଞ୍ଚାୟତ ଅଧିକାରୀ ସୁରେଶ ଚନ୍ଦ୍ର ସାହୁ ମଞ୍ଚ ପରିଚାଳନା କରିଥିବାବେଳେ ଏହି କାର୍ଯ୍ୟକ୍ରମରେ କୋରୁକୋଣ୍ଡା ପଞ୍ଚାୟତ ସମିତିର ସମସ୍ତ ଅଧିକାରୀ, ମିଶନ ଶକ୍ତିର ମାଆମାନେ, ସ୍ୱାସ୍ଥ୍ୟକର୍ମୀ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଓ ପଞ୍ଚାୟତର ବହୁ ଜନସାଧାରଣ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ସ୍ଥାନୀୟ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିବାବେଳେ ବିଭିନ୍ନ ପ୍ରତିଯୋଗିତାରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ।

ପଞ୍ଚାୟତର ପରିବାରକୁ ଅନ୍ତର୍ଭୁକ୍ତ କରିଥିବାବେଳେ ହିତାଧିକାରୀ ଉପକୃତ, ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା ଯୋଜନାରେ ବିଭିନ୍ନ ପ୍ରକଳ୍ପ ପାଇଁ ଟଙ୍କା, ପ୍ରତ୍ୟେକ ପରିବାରକୁ କାଳିଆ ଯୋଜନାରେ ଅନ୍ତର୍ଭୁକ୍ତ, ହିତାଧିକାରୀଙ୍କୁ ସାମାଜିକ ସୁରକ୍ଷା ଭତ୍ତା, ମିଶନ ଶକ୍ତି ଗୋଷ୍ଠୀଙ୍କୁ ବିନା ସୁଧରେ ଋଣ ପ୍ରଦାନ ଆଦି ଅନେକ ଯୋଜନା ବିଷୟରେ କହିବା ସହିତ ଭିଡିଓ ମାଧ୍ୟମରେ ପ୍ରଦର୍ଶନୀ କରିଥିଲେ। ସିଙ୍ଗାରି ପଞ୍ଚାୟତ ଅଧିକାରୀ କାମାକ୍ଷା ପ୍ରସାଦ ନେମାଲପୁରୀ ସମେତ ଓ ପଞ୍ଚାୟତ କର୍ମଚାରୀ, ପୁଲିସ ବିଭାଗ, ଅଗ୍ନିଶମ ବିଭାଗ, ସ୍ୱାସ୍ଥ୍ୟ ବିଭାଗ, ଆଇସିଡିଏସ୍ ବିଭାଗ ଉପସ୍ଥିତ ଥିଲେ। ଶେଷରେ କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମକୁ ବିରେନ୍ଦ୍ର କୌଶଲ୍ୟା ପରିବେଷଣ କରିଥିଲେ।

ସଚେତନତା ଏବଂ ରାଜ୍ୟ ସରକାରଙ୍କ ଲୋକାଭିମୁଖୀ ଯୋଜନା ‘ଲକ୍ଷ୍ମୀ’ ବସ୍, ଆହାର କେନ୍ଦ୍ର, ‘ମମତା’ ଯୋଜନା, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ସହିତ ଅନେକ ଯୋଜନା ଉପରେ ଅତିଥିମାନେ ସୂଚନା ଦେଇଥିଲେ। ଶିକ୍ଷକ, ଅଙ୍ଗନବାଡ଼ି କର୍ମୀ, ଆଶାକର୍ମୀ, ଏସ୍‌ଏଚଜିର ମହିଳା, ପଞ୍ଚାୟତ କର୍ମଚାରୀ, ସମିତିସଭ୍ୟ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମ ଆୟୋଜନର ମୁଖ୍ୟ ସହଯୋଗୀ ଜିଆର୍‌ଏସ୍ ସୁରେନ୍ଦ୍ର ଦଳାଇ, ନାରାୟଣ ବିଶୋଇ, ଚୈତନ୍ୟ କୁଲେସିକା ସହିତ ଅନେକ ସହଯୋଗ କରିଥିଲେ। ତେବେ ଏହା ଏକ ସରକାରୀ କାର୍ଯ୍ୟକ୍ରମ ହୋଇଥିଲେ ମଧ୍ୟ ମୃତ୍ତିକା, ଜଙ୍ଗଲ, ବିଦ୍ୟୁତ ବିଭାଗର ଅଧିକାରୀ ଏବଂ କର୍ମଚାରୀ ଉପସ୍ଥିତ ନ ଥିବାରୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା। ନିର୍ବାହୀ ଅଧିକାରୀ ପ୍ରଭାକର କୈଶଲ୍ୟା ଧନ୍ୟବାଦ ଦେଇଥିଲେ।

## ● କଲ୍ୟାଣସିଂହପୁର

ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ୍ ସିଙ୍ଗାରି ପଞ୍ଚାୟତଠାରେ ପଞ୍ଚାୟତସ୍ତରୀୟ ସଚେତନତା ଶିବିର ଅନୁଷ୍ଠିତ ହୋଇଛି। ଏଥିରେ ବିଡିଓ ରାଜୀବ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥି ଭାବେ ବ୍ଲକ୍ ଅଧ୍ୟକ୍ଷା ଅମ୍ରିତା କାଡ୍ରାକା, ଅତିଥି ଭାବେ ଆଦିବାସୀ ଉନ୍ନୟନ ପରିଷଦର ଉପସଭାପତି ବନମାଳୀ କାଡ୍ରାକା, ଲୋକକଳା ପରିଷଦର ଉପସଭାପତି ସନ୍ତୋଷ ବଚ୍ଛା, ସରପଞ୍ଚ ନାଳା ପ୍ରେପାକା, ବିଜେଡି ବ୍ଲକ୍



ସଭାପତି ସୁନ୍ଦର ରାଓ ବାଗ, ସମ୍ମାନିତ ଅତିଥି ଭାବେ ମଞ୍ଚାସିନ ଥିଲେ। ‘ଆମ ଓଡ଼ିଶା, ନବୀନ ଓଡ଼ିଶା’ର ପ୍ରକଳ୍ପ ପାଇଁ ଟଙ୍କା, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ

## ● କାକିରିଗୁମ୍ମା

ଲକ୍ଷ୍ମୀପୁର ବ୍ଲକ୍ କାକିରିଗୁମ୍ମାରେ ପଞ୍ଚାୟତସ୍ତରୀୟ ‘ଆମ ଓଡ଼ିଶା, ନବୀନ ଓଡ଼ିଶା’ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ସରପଞ୍ଚ ପୁଷ୍ପ ସାଉନ୍ତାଙ୍କ



ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଲକ୍ଷ୍ମୀପୁର ବିଧାୟକ ପ୍ରଭୁ ଜାନୀ ଯୋଗଦେଇଥିବା ବେଳେ ବ୍ଲକ୍ ଅଧ୍ୟକ୍ଷା ସୁଆଇ କୁଲେସିକା, ବିଜେଡି ଜିଲ୍ଲା ସଭାପତି ଝିନ୍ନ ହିକକା, ପୂର୍ବତନ ବିଧାୟକ କୈଳାସ କୁଲେସିକା, ସମାଜସେବୀ ଶଙ୍କର ସାଉନ୍ତା, ବ୍ଲକ୍ ଉପାଧ୍ୟକ୍ଷା ଆରତୀ କୁଳଦୀପ, ବରିଷ୍ଠ ମହିଳା ନେତ୍ରୀ କୌଶଲ୍ୟା ହିକକା, କାର୍ଯ୍ୟକାରୀ ସଭାପତି ଡମ୍ବରୁଧର ମୁଦୁଲି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ରାଜ୍ୟ ସରକାରଙ୍କ ଲୋକାଭିମୁଖୀ ଯୋଜନାର ଏକ ଭିଡିଓ ପ୍ରଦର୍ଶନ କରାଯିବା ସହ ଆମ ପଞ୍ଚାୟତ ବିକାଶ

## ● ବୋରିଗୁମ୍ମା

ବୋରିଗୁମ୍ମା ବ୍ଲକର କଣାଗାଁ ପଞ୍ଚାୟତରେ ଶୁକ୍ରବାର ‘ଆମ ଓଡ଼ିଶା, ନବୀନ ଓଡ଼ିଶା’ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିକ୍ରମ କୁମାର ଦୋରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗର କର୍ମଚାରୀ ଯୋଗଦେଇ ରାଜ୍ୟ ସରକାରଙ୍କ ଜନକଲ୍ୟାଣକାରୀ ଯୋଜନାଗୁଡ଼ିକ ସମ୍ପର୍କରେ ସଚେତନ କରାଇଥିଲେ। ଏହି ଅବସରରେ ପ୍ରସାଦ



ବିଡିକାଙ୍କୁ ଶ୍ରେଷ୍ଠ ଜିଲ୍ଲା ପରିଷଦ ସଦସ୍ୟ ଭାବେ ସମ୍ମାନିତ କରାଯାଇଥିବାବେଳେ ଶ୍ରୀ ବିଡିକା କୌଣସି ଅଧିକାରୀ କିମ୍ବା ଜନ ପ୍ରତିନିଧିଙ୍କ ହାତରୁ ପୁରସ୍କାର ଗ୍ରହଣ ନ କରି ଜଣେ ବୃଦ୍ଧାଙ୍କଠାରୁ ପୁରସ୍କାର ନେଇଥିଲେ।

# ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା ଯୋଜନାର ସମୀକ୍ଷାକଲେ ବିଧାୟକ

**ନନ୍ଦପୁର,୩।୨(ସମିସ):** ପଟାଙ୍ଗି ବିଧାୟକ ପୀତମ କୁମାର ପାଢ଼ି ନନ୍ଦପୁର ବ୍ଲକ୍ ଗସ୍ତ କରି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ସମୀକ୍ଷା କରିଛନ୍ତି। ପ୍ରଥମେ ନନ୍ଦପୁରରେ ପହଞ୍ଚିବା ପରେ ଦଳୀୟ କର୍ମୀଙ୍କ ସହ କିଛି ସମୟ ଭେଟି



ସଂଗଠନ ଉପରେ ଆଲୋଚନା କରିବା ପାରେ ସିଧା ସୀମାନ୍ତ ଗୋଲୁର ଗ୍ରାମ ପଞ୍ଚାୟତର ବାଇଲଗୁଡ଼ା ହାଟପଦା ସ୍ଥିତ ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା ଯୋଜନାରେ ନିର୍ମାଣାଧୀନ ମହିମା ଗୋଷ୍ଠୀ ଗୃହ ନିର୍ମାଣ କାର୍ଯ୍ୟର ସମୀକ୍ଷା କରିଥିଲେ। ତୁରନ୍ତ କାର୍ଯ୍ୟ ଶେଷ କରିବା ସହ ଭଲ ନିର୍ମାଣ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଛନ୍ତି ବିଧାୟକ ଶ୍ରୀ ପାଢ଼ି। ବିଧାୟକଙ୍କ ସହ ବରିଷ୍ଠ ନେତା ଗୋପାଳ କୃଷ୍ଣ ବେବର୍ତ୍ତା, ବ୍ଲକ୍ ସଭାପତି କାଶୀନାଥ ଗୋଲରୀ, ଜିଲ୍ଲା ବିଜେଡି ସମ୍ପାଦକ ମୁନା ଦଳପତି, ପଞ୍ଚାୟତ କୋଅର୍ଡିନେଟର କମାୟା ପାଙ୍ଗି, କୁଲାସିଂ ଗ୍ରାମ ପଞ୍ଚାୟତ ସଭାପତି ମଦନ ବରୁଡି, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ଅର୍ଜୁନ ବରୁଡ଼ି, ଯୁବ ଛାତ୍ର ସଭାପତି ସୁବାସ ଚନ୍ଦ୍ର ପାଙ୍ଗି, ତ୍ରିପତୀ କାମୁଡି, ଭକ୍ତ ରାମ ସମେତ ବହୁ କର୍ମୀ ଯୋଗଦେଇଥିଲେ।

# ୧୯୮୯ ମାଟ୍ରିକ୍ ବ୍ୟାଚର ବନ୍ଧୁମିଳନ

**ଉମରକୋଟ,୩।୨(ସମିସ):** ନବରଙ୍ଗପୁର ଜିଲ୍ଲା ଉମରକୋଟ ବ୍ଲକ୍ ଅନ୍ତର୍ଗତ ଭାମିନୀ ପଞ୍ଚାୟତର ପୂଜାରୀଗୁଡ଼ା ସ୍ଥିତ ଭାସ୍କେଲ ଡ୍ୟାମଠାରେ ସଦାଶିବ ସୁକୁମାର ଉଚ୍ଚ ବିଦ୍ୟାଳୟର ୧୯୮୯ ମସିହା ମାଟ୍ରିକ ବ୍ୟାଚର ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପୁରାତନ ଛାତ୍ର ଖାଲିଦ ଜିଲ୍ଲାନୀ ଓ ତ୍ରିପତି କୁମାର ପଟ୍ଟନାୟକଙ୍କ ନେତୃତ୍ୱରେ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ବ୍ୟାଚର ଦିବଂଗତ ବନ୍ଧୁମାନଙ୍କୁ ମନେ ପକାଇ ଅମର ଆତ୍ମାର ସଦଗତି କାମନା କରି ୨ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ପୁରୁଣା ସ୍ମୃତିକୁ ମନେ ପକାଇ ନିଜ ନିଜ ଭିତରେ ଭାବର ଆଦାନପ୍ରଦାନ କରିଥିଲେ। ସମସ୍ତ ବନ୍ଧୁ ମିଶି ଏକ ୱେଲଫେୟାର କମିଟି ଗଠନ କରାଯାଇଥିଲା। ଏଥିରେ ସଭାପତି ଭାବେ ଖାଲିଦ ଜିଲ୍ଲାନୀଙ୍କୁ ମନୋନୀତ କରାଯାଇଥିବାବେଳେ ଉପସଭାପତି ଭାବେ ଲକ୍ଷ୍ମଣ ସରକାର, ସମ୍ପାଦକ ଭାବେ ତ୍ରିପତି ପଟ୍ଟନାୟକ, ସହସମ୍ପାଦକ ଭାବେ ଜି. ଶ୍ରୀନିବାସ ରାଓ, କୋଷାଧ୍ୟକ୍ଷ ଭାବେ ମନୋଜ ମହାପାତ୍ର, ଆଇନ ପରାମର୍ଶଦାତା କୃଷ୍ଣ ଚନ୍ଦ୍ର ନନ୍ଦ, ଉପଦେଷ୍ଟା ଆଶୁତୋଷ ହାଲଦାର, ଦଶରଥ ଗଣ୍ଡ, ସଞ୍ଜୀବ ମଣ୍ଡଳ, ମିଡିଆ ମ୍ୟାନେଜର ଭାବେ ଗୋପାଳ କୃଷ୍ଣ ପଟ୍ଟନାୟକଙ୍କୁ ମନୋନୀତ କରାଯାଇଥିଲା।

# ପ୍ରସାଦ ଟେକ୍ନୋ ସ୍କୁଲର ବାର୍ଷିକ ଉତ୍ସବ

**ରାୟଗଡ଼ା,୩।୨(ସମିସ):** ସ୍ଥାନୀୟ ଘରୋଇ ଶିକ୍ଷାନୁଷ୍ଠାନ ପ୍ରସାଦ ଟେକ୍ନୋ ସ୍କୁଲର ଦଶମ ବାର୍ଷିକ ଉତ୍ସବ ସ୍ଥାନୀୟ ହୋଟେଲ ତେଜସ୍ୱୀ ସମ୍ମୁଖରେ ଥିବା ପଡ଼ିଆଠାରେ ପାଳିତ ହୋଇଯାଇଛି। ବିଦ୍ୟାଳୟର ନିର୍ଦ୍ଦେଶକ ଜି. ତ୍ରିବେଣୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ପରିଚାଳନା ନିର୍ଦ୍ଦେଶକ ଜି. ପ୍ରସାଦ ରାଓ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନପୂର୍ବକ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ପି. ରାଜକୁମାର ସ୍ୱାଗତ ଭାଷଣ ଦେଇଥିଲେ। ରାୟଗଡ଼ା ସହରରେ ଥିବା ଅନ୍ୟାନ୍ୟ ଘରୋଇ ଶିକ୍ଷାନୁଷ୍ଠାନ ମଧ୍ୟରେ ପ୍ରସାଦ ଟେକ୍ନୋ ସ୍କୁଲ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି ବୋଲି ବକ୍ତବ୍ୟରେ ପ୍ରକାଶ କରିଥିଲେ। ଅନୁଷ୍ଠିତ ଆନ୍ତଃ ବିଦ୍ୟାଳୟସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତାରେ ଚାମ୍ପିଅନ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ସେହିପରି ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ମଧ୍ୟ ଅନୁଷ୍ଠିତ ହୋଇସାରିଛି ବୋଲି ଶ୍ରୀ ରାଜକୁମାର କହିଛନ୍ତି।

# କୋରାପୁଟ ୬୬୨ ବର୍ଗ କଲେଜ ସଂଘର ଆନ୍ଦୋଳନ ସଜବାଜ

**ସେମିଳିଗୁଡ଼ା,୩।୨(ସମିସ):** ନିଖିଳ ଓଡ଼ିଶା ୬୬୨ବର୍ଗ (+୨ ଓ +୩) ବେସରକାରୀ ଅଧ୍ୟାପକ ଓ କର୍ମଚାରୀ ସଂଘ ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ନିଷ୍ପତ୍ତି ଅନୁଯାୟୀ ଆସନ୍ତା ୫ ତାରିଖ ଦିନ ମହାବିଦ୍ୟାଳୟ ବନ୍ଦ ରହିବା ସହ ଭୁବନେଶ୍ୱର ଆନ୍ଦୋଳନକୁ ତୀବ୍ର କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ୨୦୨୩ ଫେବୃଆରୀ ୧୩ ତାରିଖରୁ ଲୋୟର ପିଏମଜିରେ ଧାରଣାରେ ବସିଥିବା ଏହି ବର୍ଗର ମହାବିଦ୍ୟାଳୟଙ୍କ ଏକ ବର୍ଷ ପୂରଣ ପାଇଁ ମାତ୍ର କେଇ ଦିନ ବାକି ଅଛି। ଏହି ପରିପ୍ରେକ୍ଷୀରେ ରାଜ୍ୟ ସଭାପତି ଗୋଲକ ନାୟକଙ୍କ ଅଧ୍ୟକ୍ଷତାରେ ସେମିଳିଗୁଡ଼ା ସ୍ଥିତ ବରିଷ୍ଠ ନାଗରିକଙ୍କ ସାଧନା କେନ୍ଦ୍ରରେ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି। କୋରାପୁଟ ଜିଲ୍ଲା ୬୬୨ ବର୍ଗର ସମସ୍ତ ମହାବିଦ୍ୟାଳୟର ଅଧ୍ୟକ୍ଷ, ଅଧ୍ୟାପକଅଧ୍ୟାପିକା ଓ କର୍ମଚାରୀମାନେ ମହାବିଦ୍ୟାଳୟରେ ତାଲା ପକାଇ ମହାଆନ୍ଦୋଳନରେ ଯୋଗଦେବାକୁ ନିଷ୍ପତ୍ତି ନିଆଯାଇଛି। ବାରମ୍ବାର ପ୍ରତାରଣାର ଶିକାର ହେଉଛୁ ବୋଲି ଜିଲ୍ଲା ସଭାପତି ତ୍ରିନାଥ ପାତିକା କହିଥିଲେ। ଜିଲ୍ଲା ଉପସଭାପତି ଉଷାରାଣୀ ଦାସ, ଯୁକ୍ତ ଦୁଇ ସମ୍ପାଦକ ପ୍ରଜାରଞ୍ଜନ ମିଶ୍ର, ଯୁକ୍ତ ତିନି ସମ୍ପାଦକ କିଶୋର ଚନ୍ଦ୍ର ବେହେରା ଓ ପୂର୍ବତନ ସଭାପତି ପବିତ୍ର କୁମାର ବେଦାନ୍ତ ଉପସ୍ଥିତ ରହି ସମାନ ଗ୍ରେଡ୍ ପେ’କୁ ସମାନ ଦରମା, ୨୦୧୮ ଜିଓ ଅନ୍ତର୍ଗତ ଅଧ୍ୟାପକ ଓ କର୍ମଚାରୀଙ୍କୁ ସପ୍ତମ ବେତନ ହାରରେ ଦରମା, ଚାକିରି ସର୍ତ୍ତାବଳୀ ଓ ଅବସରକାଳୀନ ପେନସନ ଆଦି ସମ୍ପର୍କିତ ବିଜ୍ଞପ୍ତି ପ୍ରକାଶ କରିବା ପାଇଁ ନିବେଦନ କରିଥିଲେ। ଅଧ୍ୟକ୍ଷ ଅମର କୁମାର ମହାପାତ୍ର, ଲକ୍ଷ୍ମଣ ସାହୁ, ଅଧ୍ୟାପକ ଶ୍ରୀରାମ ପାତ୍ର, ଅଶୋକ ପରିଡ଼ା, ବୈଲୋଚନ ରଣା, ଶେଷଦେବ ବାରିକ, ରଞ୍ଜନ ବେହେରା, ସନ୍ତୋଷ ସାମଲ, ମନୋରଞ୍ଜନ ସ୍ୱାଇଁ ଓ ଅଧ୍ୟାପକଅଧ୍ୟାପିକା ଏବଂ କର୍ମଚାରୀମାନେ ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ଜିଲ୍ଲା ସଂଘ ଉପସଭାପତି ଉଷାରାଣୀ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ସରକାରୀ ଉଚ୍ଚ ବିଦ୍ୟାଳୟକୁ ‘ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର’

**କୋଷାଗୁମୁଡ଼ା,୩।୨(ସମିସ):** ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡ଼ା ବ୍ଲକ୍ ସଦର ମହକୁମା ସ୍ଥିତ ‘୫-ଟି’ ସରକାରୀ ଉଚ୍ଚ ବିଦ୍ୟାଳୟକୁ ଶ୍ରେଷ୍ଠ ବିଦ୍ୟାଳୟ ଭାବେ ‘ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର’ରେ ପୁରସ୍କୃତ କରାଯାଇଛି। ରାଜ୍ୟସ୍ତରୀୟ ଚୟନ ହୋଇଥିବା ୧୦ ଜିଲ୍ଲାର ଶ୍ରେଷ୍ଠ ବିଦ୍ୟାଳୟ ତାଲିକା ମଧ୍ୟରେ ନବରଙ୍ଗପୁର ଜିଲ୍ଲାର ଶ୍ରେଷ୍ଠ ବିଦ୍ୟାଳୟ ଭାବେ ଏହି ବିଦ୍ୟାଳୟକୁ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାରରେ ପୁରସ୍କୃତ କରାଯାଇଥିବା ବିଦ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଏହି ପୁରସ୍କାରକୁ ବିଦ୍ୟାଳୟର ପ୍ରଧାନଶିକ୍ଷକ ପବିତ୍ର ହାଲଦାର, ବରିଷ୍ଠ ଶିକ୍ଷକ ବିଶ୍ୱେଶ୍ୱର ସାହୁ ଓ ବିଦ୍ୟାଳୟ ପରିଚାଳନା ଓ ବିକାଶ କମିଟିର ସଦସ୍ୟ କିରଣ କୁମାର ଦିଗାଲ ଭୁବନେଶ୍ୱରର



କଳିଙ୍ଗ ଷ୍ଟାଡିୟମରେ ଆୟୋଜିତ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଉତ୍ସବରେ ଉପସ୍ଥିତ ରହି ଗ୍ରହଣ କରିଛନ୍ତି। ନବରଙ୍ଗପୁର ଜିଲ୍ଲା ତଥା କୋଷାଗୁମୁଡ଼ା ବ୍ଲକର ଅନେକ ଶିକ୍ଷକଶିକ୍ଷୟିତ୍ରୀ ଏହି ସଫଳତା ପାଇଁ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି। ଏହି ସଫଳତା କେବଳ ବିଦ୍ୟାଳୟର ସମସ୍ତ ଶିକ୍ଷକଶିକ୍ଷୟିତ୍ରୀଙ୍କର ଦଳଗତ କାର୍ଯ୍ୟ, ଆପ୍ରାଣ ଚେଷ୍ଟା, ପରିଶ୍ରମ, ଅଦମ୍ୟ ନିଷ୍ଠା, ତ୍ୟାଗ ଓ ସମର୍ପଣ ଦ୍ୱାରା ହିଁ ସମ୍ଭବ ହୋଇପାରିଛି। ଏହି ପୁରସ୍କାର ଗୁଣାତ୍ମକ ଶିକ୍ଷା କ୍ଷେତ୍ରରେ ଛାତ୍ରଛାତ୍ରୀ ଓ ପ୍ରତ୍ୟେକ ଶିକ୍ଷକଶିକ୍ଷୟିତ୍ରୀଙ୍କ ମଧ୍ୟରେ ଉତ୍ସାହ ଓ ଆଗ୍ରହ ବହୁ ପରିମାଣରେ ବଢ଼ାଇବ ବୋଲି ବିଦ୍ୟାଳୟର ପ୍ରଧାନଶିକ୍ଷକ ଶ୍ରୀ ହାଲଦାର କହିଛନ୍ତି।

# ଗୁଲୁମୁଣ୍ଡା କସ୍ତୁରବା ଗାନ୍ଧୀ ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ରାମନାଗୁଡ଼ା,୩।୨(ସମିସ):** ରାୟଗଡ଼ା ଜିଲ୍ଲା ରାମନାଗୁଡ଼ା ବ୍ଲକ୍ ଅନ୍ତର୍ଗତ ଗୁଲୁମୁଣ୍ଡା ପଞ୍ଚାୟତ ଅଧୀନରେ ଥିବା କସ୍ତୁରବା ଗାନ୍ଧୀ ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ପ୍ରଧାନଶିକ୍ଷକ ଦେବୀ ପ୍ରସାଦ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମରେ ଆମନ୍ତ୍ରିତ ଅତିଥିମାନଙ୍କୁ ଛାତ୍ରଛାତ୍ରୀଙ୍କ ଦ୍ୱାରା ବାଦ୍ୟଯନ୍ତ୍ର ମାଧ୍ୟମରେ ମଞ୍ଚକୁ ସ୍ୱାଗତ କରିବା ସହ ଶିକ୍ଷକଶିକ୍ଷୟିତ୍ରୀମାନଙ୍କ ଦ୍ୱାରା ଅତିଥିମାନଙ୍କୁ ଉପଢୌକନ ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ଗୁଣୁପୁର ବିଧାୟକ ରଘୁନାଥ ଗମାଙ୍ଗ, ସମ୍ମାନିତ ଅତିଥି ଭାବେ ରାମନାଗୁଡ଼ା ବ୍ଲକ୍ ଅଧ୍ୟକ୍ଷ ରବିଶଙ୍କର ଗମାଙ୍ଗ, ସମାଜସେବୀ ଗଗନ ବିହାରୀ ଆଚାର୍ଯ୍ୟ, ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଜନ ମଲ୍ଲିକ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ଦାମୋଦର କୈବର୍ତ୍ତ, ଗୁଲୁମୁଣ୍ଡା ସରପଞ୍ଚ, ସମିତିସଭ୍ୟ, ବିଦ୍ୟାଳୟର ସଭାପତି ପ୍ରମୁଖ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ଛାତ୍ରୀମାନଙ୍କୁ ନିମନ୍ତ୍ରିତ ଅତିଥିମାନେ ଶିକ୍ଷା ସମ୍ପର୍କିତ ବିଷୟରେ ଆଲୋକପାତ କରିବା ସହ ରାଜ୍ୟ ସରକାର ଯେଉଁଭଳି ଶିକ୍ଷାକୁ ଗୁରୁତ୍ୱ ଦେଉଛନ୍ତି ସେ ସମ୍ପର୍କରେ କହିଥିବାବେଳେ ଛାତ୍ରୀମାନଙ୍କୁ ମଧ୍ୟ ଭବିଷ୍ୟତରେ ଜଣେ ଜଣେ ଉତ୍ତମ ମଣିଷ ହେବା ସହ ଉନ୍ନତମାନର ଶିକ୍ଷା ଗ୍ରହଣ କରିବାକୁ ଉପଦେଶ ଦେଇଥିଲେ। କୃତୀ ଛାତ୍ରୀଙ୍କୁ ମାନପତ୍ର ସହ ପୁରସ୍କାର ପ୍ରଦାନ କରାଯାଇଥିଲା। ବିଦ୍ୟାଳୟର ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ଏବଂ ଛାତ୍ରୀ ସହଯୋଗ କରିଥିଲେ।

# ସାରୁକୁବନ୍ଧା ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ଚିତ୍ରକୋଣ୍ଡା,୩।୨(ସମିସ):** ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ବ୍ଲକ୍ ସ୍ୱାଭିମାନ ଅଞ୍ଚଳ ରାଲେଗଡ଼ା ପଞ୍ଚାୟତର ସାରୁକୁବନ୍ଧା ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ବିଦ୍ୟାଳୟର ପ୍ରଥମ ବାର୍ଷିକ ଉତ୍ସବ ପାଳନ କରାଯାଇଛି। ମୁଖ୍ୟ ଅତିଥି ଭାବରେ ଚିତ୍ରକୋଣ୍ଡା ବ୍ଲକ୍ ଶିକ୍ଷା ଅଧିକାରୀ ଗାୟତ୍ରୀ ଦେବୀ, ରାଲେଗଡ଼ା ସିଆରସିସି ବସନ୍ତ ଟାଙ୍ଗୁଲୁ, ରାଲେଗଡ଼ା ସରପଞ୍ଚ କୋମୁଲୁ ହେନ୍ତାଳ, ବେଞ୍ଜାମୀନ ମଣ୍ଡଳ ଏବଂ ରବି କିରଣ ପଣ୍ଡା, ସାରୁକୁବନ୍ଧା ସ୍କୁଲର ପ୍ରଧାନଶିକ୍ଷକ ଓ ସ୍କୁଲର ଅନ୍ୟ ଶିକ୍ଷକମାନେ ଉପସ୍ଥିତ ଥିଲେ। ବିଦ୍ୟାଳୟରେ ବାର୍ଷିକ ଉତ୍ସବ ପାଳନ କରିବା ସହ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରକାରର ଖେଳକୁଦ ପ୍ରତିଯୋଗିତା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହୋଇଥିଲା। କ୍ରୀଡ଼ାରେ କୃତକାର୍ଯ୍ୟ ହୋଇଥିବା ସ୍କୁଲ ଛାତ୍ରଛାତ୍ରୀମାନଙ୍କୁ ମୁଖ୍ୟ ଅତିଥି ପୁରସ୍କାର ପ୍ରଦାନ କରିଥିଲେ।

# ଅନ୍ତର୍ନିବେଶୀ ଶିକ୍ଷା ପ୍ରଶିକ୍ଷଣ ଶିବିର

**ବୋରିଗୁମ୍ମା,୩।୨(ସମିସ):** ବୋରିଗୁମ୍ମା ବ୍ଲକ୍ ମୁଣ୍ଡାଗୁଡ଼ା ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟଠାରେ ଦିବ୍ୟାଙ୍ଗ ଶିଶୁମାନଙ୍କ ଅଭିଭାବକ ଓ ପ୍ରଧାନଶିକ୍ଷକ/ଶିକ୍ଷୟିତ୍ରୀମାନଙ୍କ ନିମନ୍ତେ ଏକଦିବସୀୟ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଥିଲା। ସମଗ୍ର ଶିକ୍ଷା କୋରାପୁଟ ଜିଲ୍ଲା ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମ ହୋଇଥିବାବେଳେ ଶିବିରକୁ ବୋରିଗୁମ୍ମା ବ୍ଲକ୍ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁବାସ ମାଝୀ ପ୍ରଦୀପ ପ୍ରଜ୍ୱଳନ କରି ଉଦଘାଟନ କରିଥିଲେ। କାର୍ଯ୍ୟକ୍ରମରେ ଜଗଦୀଶ ମେହେର, ହୃଷୀକେଶ ପାତ୍ର, ନନ୍ଦିନୀ ବଡ଼ଜେନା ଯୋଗଦେଇ ଶିବିର ସମ୍ପର୍କରେ ମତ ପୋଷଣ କରିଥିଲେ। ବେଣାଗାଁ, ବି.ସିଂହପୁର କ୍ଲଷ୍ଟର ଦିବ୍ୟାଙ୍ଗ ଶିଶୁମାନଙ୍କ ଅଭିଭାବକ ଏବଂ ପ୍ରଧାନଶିକ୍ଷକ/ଶିକ୍ଷୟିତ୍ରୀମାନେ ଯୋଗଦେଇଥିଲେ। ଏହା ସହିତ ଅନ୍ତର୍ନିବେଶୀ ଶିକ୍ଷା, ଭିନ୍ନକ୍ଷମ ଛାତ୍ରଛାତ୍ରୀମାନଙ୍କ ନିମନ୍ତେ ଥିବା ବିଭିନ୍ନ ନିୟମ, ଦିବ୍ୟାଙ୍ଗମାନଙ୍କ ପାଇଁ ସରକାରଙ୍କ ତରଫରୁ ମିଳୁଥିବା ସୁବିଧାସୁଯୋଗ ସମ୍ବନ୍ଧରେ ଶିବିରରେ ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଆଦିତ୍ୟ ପ୍ରଧାନ ଏବଂ ସହ ଶିକ୍ଷକ ତପନ କୁମାର ତନ୍ତୀ ପରିଚାଳନା କରିଥିଲେ।

# ମଜଦୁର ସଂଘ ସହ ଆଲୋଚନା କଲେ ସମାଜସେବୀ ଡମ୍ବରୁ ନାୟକ

**କୋରାପୁଟ,୩।୨(ସମିସ):** ବିଶିଷ୍ଟ ସମାଜସେବୀ ଡମ୍ବରୁ ନାୟକ ଶୁକ୍ରବାର କୋରାପୁଟ ସହର ସ୍ଥିତ ଉତ୍କଳ ମଜଦୁର ସଂଘ କାର୍ଯ୍ୟାଳୟ ଯାଇ ଶ୍ରମିକ ନେତାମାନଙ୍କୁ ଭେଟିଛନ୍ତି। ଉତ୍କଳ ଶ୍ରମିକ ସଂଘ କାର୍ଯ୍ୟାଳୟରେ ସଂଘ କର୍ମକର୍ତ୍ତାମାନେ ଶ୍ରୀ ନାୟକଙ୍କୁ ବିପୁଳ ସ୍ୱାଗତ କରିଥିଲେ। ସାକ୍ଷାତ ସମୟରେ ସେ ଶ୍ରମିକମାନଙ୍କ ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା କରିବା ସହ ରାଜ୍ୟ ସରକାର ଶ୍ରମିକମାନଙ୍କ ନିମନ୍ତେ କାର୍ଯ୍ୟକାରୀ କରିଥିବା କଲ୍ୟାଣକାରୀ ଯୋଜନା, ପିଲାମାନଙ୍କ ଉଚ୍ଚଶିକ୍ଷା ଓ ଅନ୍ୟାନ୍ୟ ବିଷୟରେ ଆଲୋଚନା କରିଥିଲେ। ଆବଶ୍ୟକ ହେଲେ ଆସନ୍ତା ଦିନରେ ସେ ଶ୍ରମିକମାନଙ୍କୁ ସମସ୍ତ ସହାୟତା ଯୋଗାଇଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ।

# ଅନୁସୂଚିତ ଜାତି ଓ ଜନଜାତି ବିଦ୍ୟାଳୟର ବାର୍ଷିକ ଉତ୍ସବ

**ମାଥିଲି,୩।୨(ସମିସ):** ମାଲକାନଗିରି ଜିଲ୍ଲା ଖଇରପୁଟ ବ୍ଲକ୍ ଅନ୍ତର୍ଗତ ଗୋବିନ୍ଦପାଲ୍ଲୀ ସ୍ଥିତ ଅନୁସୂଚିତ ଜାତି ଓ ଜନଜାତି ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ୫୬ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଏଥିରେ ଜିଲ୍ଲା ଅତିରିକ୍ତ ମଙ୍ଗଳ ଅଧିକାରୀ ଗୁରୁବନ୍ଧୁ ପୂଜାରୀଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ଚିତ୍ରକୋଣ୍ଡା ନିର୍ବାଚନମଣ୍ଡଳୀର ବିଧାୟକ ପୂର୍ଣ୍ଣଚନ୍ଦ୍ର ବାକା, ମୁଖ୍ୟବକ୍ତା ଭାବରେ ପ୍ରମେୟ ଦୈନିକ ଖବରକାଗଜର ଜୟପୁର ସଂସ୍କରଣ ବ୍ୟୁରୋ ପ୍ରକାଶ ଦାଶ, ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟର ପୂର୍ବତନ ପ୍ରଧାନଶିକ୍ଷକ ଚୈତନ୍ୟ ନାଲି, ଖଇରପୁଟ ବ୍ଲକ୍ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ସନ୍ତୋଷ କୁମାର ପଣ୍ଡା, ଗୋବିନ୍ଦପାଲ୍ଲୀ ପଞ୍ଚାୟତ ସରପଞ୍ଚ ଶ୍ରୀନିବାସ ମୁଦୁଲି, ସମିତିସଭ୍ୟା ଚଞ୍ଚଳା ରୁଢେଇ, ଗୋବିନ୍ଦପାଲ୍ଲୀ ଫାଣ୍ଡି ଭାରପ୍ରାପ୍ତ ଅଧିକାରୀ ପଦ୍ମନ ପୂଜାରୀ ଯୋଗଦେଇଥିଲେ। ପ୍ରଥମେ ଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ



ସଙ୍ଗୀତ ପରେ ବିଦ୍ୟାଳୟର ପୂର୍ବତନ ଛାତ୍ରୀ ତଥା ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷା ପଦ୍ମିନୀ ମୁଦୁଲିଙ୍କ ଅକାଳ ବିୟୋଗରେ ଏକ ମିନିଟ ନିରବ ପ୍ରାର୍ଥନା ସହ ଅମର ଆତ୍ମାର ସଦଗତି କାମନା କରିଥିଲେ। ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଅଶୋକ କୁମାର ସ୍ୱର୍ଣ୍ଣକାର ଅତିଥି ପରିଚୟ ଦେବା ସହିତ ପରିବେଶ ସନ୍ତୁଳନ ପାଇଁ ସମସ୍ତ ଅତିଥିଙ୍କୁ ଗୋଟିଏ ଗୋଟିଏ ଚାରା ପ୍ରଦାନ କରିଥିଲେ। ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଶିକ୍ଷକଙ୍କ ଦ୍ୱାରା ବାର୍ଷିକ ବିବରଣୀ ପାଠ କରାଯାଇଥିଲା ଏବଂ ବିଦ୍ୟାଳୟରେ ଥିବା ବହୁ ସମସ୍ୟା ଦୂର ହୋଇଛି। ଅନ୍ୟ ଯେଉଁ ସମସ୍ୟା ରହିଛି ସେଗୁଡ଼ିକ କିପରି ପୂରଣ ହୋଇପାରିବ ସେ ବିଷୟରେ ବିଧାୟକ ଶ୍ରୀ ବାକାଙ୍କୁ ଅନୁରୋଧ କରିଲେ। ଶେଷରେ କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀ ସ୍ୱର୍ଣ୍ଣକାର ପରିଚାଳନା କରିଥିବାବେଳେ ବିଦ୍ୟାଳୟର ସମସ୍ତ ଅଧ୍ୟାପକଅଧ୍ୟାପିକା, କର୍ମଚାରୀ ଓ ଛାତ୍ରଛାତ୍ରୀ ସହଯୋଗ କରିଥିଲେ।

## ପାଲୁପାଇ ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

# ‘କଠିନ ପରିଶ୍ରମ ସହ ଶିକ୍ଷା ହିଁ ସଫଳତାର ଚାବିକାଠି’

ରାମନାଗୁଡ଼ା,୩।୨(ସମିସ)

ରାୟଗଡ଼ା ଜିଲ୍ଲା ରାମନାଗୁଡ଼ା ବ୍ଲକ୍ ଅନ୍ତର୍ଗତ ସୁଣ୍ଡିଧାମୁଣି ପଞ୍ଚାୟତସ୍ଥିତ ମଙ୍ଗଳ ବିଭାଗ ଦ୍ୱାରା ପରିଚାଳିତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପାଲୁପାଇଠାରେ ବାର୍ଷିକ ଉତ୍ସବ ଆୟୋଜିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ସସ୍ମିତା ଦାଶଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ଗୁଣୁପୁର ବିଧାୟକ ରଘୁନାଥ ଗମାଙ୍ଗ, ସମ୍ମାନିତ ଅତିଥି ଭାବେ ରାମନାଗୁଡ଼ା ପଞ୍ଚାୟତ ସମିତି ଅଧ୍ୟକ୍ଷ ରବି ଶଙ୍କର ଗମାଙ୍ଗ, ମୁଖ୍ୟବକ୍ତା ରୂପେ ଜିଲ୍ଲା ମଣ୍ଡଳ ଶିକ୍ଷାଧିଶ ଶ୍ୟାମଘନ ଭୂୟାଁ, ସମ୍ମାନିତ ଅତିଥି ରୂପେ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୂଜନ ମଲ୍ଲିକ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ବ୍ଲକ ମଙ୍ଗଳ



ସମ୍ପ୍ରସାରଣ ଅଧିକାରୀ ବାସୁଦେବ ତ୍ରିପାଠୀ, ସୁଣ୍ଡିଧାମୁଣି ସମିତିସଭ୍ୟ କମଳଲୋଚନ ମୁଟିକା, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଅନନ୍ତ କଣ୍ଡାଗରୀ, ପୂର୍ବତନ ପ୍ରଧାନଶିକ୍ଷୟିତ୍ରୀ ଦୀପ୍ତିମୟୀ ଜେନା ପ୍ରମୁଖ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ବିଦ୍ୟାଳୟର ଶିକ୍ଷୟିତ୍ରୀ ସସ୍ମିତା ଦାଶ ବାର୍ଷିକ ବିବରଣୀ ପାଠ କରିବା ସହ ବିଦ୍ୟାଳୟର ଆବଶ୍ୟକତାକୁ ଅତିଥିଙ୍କ ଗହଣରେ ଉପସ୍ଥାପନା କରିଥିଲେ। ସମ୍ମାନିତ ଅତିଥି ସ୍ଥାନୀୟ ପଞ୍ଚାୟତ ସମିତିସଭ୍ୟ ଶ୍ରୀ ମୁଟିକା ବିଦ୍ୟାର୍ଥୀମାନଙ୍କ ଲୁକ୍କାୟିତ ପ୍ରତିଭା ଚୟନ ଦିଗରେ ଶିକ୍ଷକଶିକ୍ଷୟିତ୍ରୀ ଏବଂ ଅଭିଭାବକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିଥାଏ। ପାଠପଢ଼ା ସହିତ କ୍ରୀଡ଼ାରେ ଜଡ଼ିତ ରହିଲେ ଛାତ୍ରଛାତ୍ରୀମାନଙ୍କ ମୌଖିକ ବିକାଶ ହେବା ସହ କଠିନ ପରିଶ୍ରମ ହିଁ ଜୀବନରେ ସଫଳତା ଆଣିଦେଇଥାଏ ବୋଲି ମୁଖ୍ୟ ଅତିଥି ଶ୍ରୀ ଶତପଥୀ ନିଜ ଅଭିଭାଷଣରେ କହିଥିଲେ। ଛାତ୍ରଛାତ୍ରୀମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିବା ସହ ଅନୁସୂଚିତ ଜନଜାତି ପିଲାଙ୍କ ଉଚ୍ଚଶିକ୍ଷା ନିମନ୍ତେ ସରକାରଙ୍କ ବିଭିନ୍ନ ପ୍ରକାର ଯୋଜନା ସମ୍ପର୍କରେ ଅନ୍ୟ ଅତିଥିମାନେ ମତବ୍ୟକ୍ତ କରିଥିଲେ। କୃତୀ ଛାତ୍ରଛାତ୍ରୀମାନଙ୍କୁ ପ୍ରମାଣ ପତ୍ର ସହ ଟ୍ରଫି ପ୍ରଦାନ କରାଯାଇଥିଲା। ଶେଷରେ ସହକାରୀ ଶିକ୍ଷୟିତ୍ରୀ ସୁବାସିନୀ ସାମଲ ଧନ୍ୟବାଦ ଅର୍ପଣ କରିଥିଲେ। ମଞ୍ଚ ସଂଯୋଜନା, ଅତିଥି ପରିଚୟ ପ୍ରଦାନ ସହକାରୀ ଶିକ୍ଷକ ବିମଳ ରାଇକା କରିଥିବାବେଳେ ପରିଚାଳନାରେ ଶିକ୍ଷକ ବି. ରାଜେଶ, ଶିକ୍ଷୟିତ୍ରୀ ଐଶ୍ୱର୍ଯ୍ୟା ମହାନ୍ତି, ସୁନତି ପଣ୍ଡା, ସସ୍ମିତା ଶବର, ଶୈଳଜା ପାତ୍ର, ସୁଜାତା ଉଲ୍ଲାକା, ସସ୍ମିରେଖା ସୁନ୍ଦରାୟ, ବାସନ୍ତୀ ମଞ୍ଜରୀ ଆଚାରୀ ପ୍ରମୁଖଙ୍କ ସମେତ ବିଦ୍ୟାଳୟର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

